Bastabatara Pariprakash
PRACHEE ■ Vol. 1 ■ Issue - 4 ■ July 2015 ■ Title Code : ODIODI07446
ଜୁଲାଇ, ୨୦୧୫
୨୫ ଟଙ୍କା
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

## ନବକଳେବର ବିଶେଷାଙ୍କ



ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତିଭାବେ ମନଗହନରୁ ଭାସିଆସି ଲୋକମନକୁ ରଞ୍ଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ହ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।



ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେଷିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଚତୁର୍ଥ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :

ଡ. ବିଜୟ [illegible]

# 'ପ୍ରାଚୀ'ର କଲମ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହୋଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହୋଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ବୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-1, July, 2015, Issue No. IV
Title Code : ODIODI07446



**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ଚନ୍ଦ୍ର ଦାସ**
ସମ୍ପାଦକ :
**ଡ. ବିଭୂଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ :
**ବିଭୂପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**



ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪




**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**



**Declaration**
**Edited & Published by :**
**Dr. Bibhudatta Khandayatray**
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.com


# ଏଇ ସଂଖ୍ୟାରେ...


- ନବକଳେବର : ପ୍ରଥା ଓ ପରମ୍ପରାର ସ୍ୱାକ୍ଷର
  ଡକ୍ଟର ଦିପକ କୁମାର ଦାଶ ୫
- ବିଦେଶିନୀ
  ବନଲତା ସିଂହ ୯
- ଏଇତ ଆରମ୍ଭ
  ପାୟଲ ଜେନା ୧୧
- ପାଗଳ
  ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର ୧୪
- ଅସପନ ବଣିକ : ନଳିଆ
  ଡ. ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ୧୬
- ଦୁର୍ବାର
  ମମତା ଖଣ୍ଡାୟତ ରାୟ ୧୮
- ସମୟ ସ୍ରୋତରେ ଜୀବନ
  ଡ. ବିଭୂଦତ୍ତ ଖଣ୍ଡାୟତ ରାୟ ୨୦
- ପକ୍ଷୀ ମୁଁ, ନୁହେଁ କି ତୁମର
  ପ୍ରାଚୀ ପ୍ରଯୁକ୍ତା ୨୪
- କୁଳାଙ୍ଗାର
  ଡକ୍ଟର ନିରୋଦ କୁମାର ମନ୍ତ୍ରୀ ୨୬
- ଅବାସ୍ତବ ଆଧୁନିକତା
  ପ୍ରଜ୍ଞା ପରିମିତା ୨୯
- ମଉଳା ଫୁଲର ବାସ୍ନା
  ସୌଦାମିନୀ ଦାସ ୩୦
- ଓଁ କଳାକଳେବରଙ୍କର ନବକଳେବର
  ବ୍ରଜବନ୍ଧୁ ପୃଷ୍ଟି ୩୩

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................................................

ଜିଲ୍ଲା............................................................... ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ............................................. ଇ-ମେଲ୍ ..............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**


ବାସ୍ତବତାର ପରିପ୍ରକାଶ "ପ୍ରାଚୀ"

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ନବକଳେବର : ପ୍ରଥା ଓ ପରମ୍ପରାର ସ୍ୱାକ୍ଷର

ଡକ୍ଟର ଦିପକ କୁମାର ଦାଶ

ଜଗତର ନାଥ ଜଗନ୍ନାଥ । ସେ ସମଗ୍ର ବିଶ୍ୱର ବିଶ୍ୱାସ ଓ ଭକ୍ତିର ପ୍ରତୀକ । ସେ ହେଉଛନ୍ତି ଅନନ୍ତକୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା । ଜଗନ୍ନାଥ ହେଉଛନ୍ତି ଅବିନଶ୍ୱର, ଅବର୍ଣ୍ଣନୀୟ ଓ ଅପ୍ରକାଶ୍ୟ, ନିର୍ଗୁଣ ଓ ନିରାକାର ତତ୍ତ୍ୱର ଆକାର ଶୂନ୍ୟବ୍ରହ୍ମ ଲୀଳା ସରଞ୍ଜନୀ କରିବାକୁ ଯାଇ ସଗୁଣ ଓ ସାକାର ଚତୁର୍ଦ୍ଧା ମୂର୍ତ୍ତୀ ରୂପେ ମର୍ତ୍ତ୍ୟ ବୈକୁଣ୍ଠ ନୀଳାଚଳ ଧାମରେ ବିରାଜିତ । ସେ ରୂପାତୀତ ଓ ଗୁଣାତୀତ ହେଲେ ମଧ ନଶ୍ୱର ଦାରୁ ମଧ୍ୟରେ ମାନବୀୟ ଲୀଳାରେ ନିମଗ୍ନ । ସେ କେବଳ ଭାରତବର୍ଷର ପ୍ରସିଦ୍ଧ ଦେବତା ନୁହଁନ୍ତି - ଅନନ୍ୟ ଦେବତା ମଧ । ସେ ଏଥିପାଇଁ ଅନନ୍ୟ କାରଣ ଆମ ଦେଶରେ ବିଭିନ୍ନ ସ୍ଥାନରେ ମୂର୍ତ୍ତୀପୂଜା ହେଲେ ମଧ କେଉଁଠି ହେଲେ ନବକଳେବର ପ୍ରଥା ପ୍ରଚଳିତ ନାହିଁ । ଦେହଧାରୀ ଏହି ମନୁଷ୍ୟ ଶରୀରରେ ବାଲ୍ୟ, ଯୌବନ, ଜରା, ବୃଦ୍ଧାବସ୍ଥା ଆସେ । ତେଣୁ ଆତ୍ମା ଅନ୍ୟ ଶରୀର ଖୋଜେ । ବସ୍ତ୍ର ପୁରୁଣା ହେଲେ ଲୋକମାନେ ପୁରୁଣା ବସ୍ତ୍ରକୁ ପରିତ୍ୟାଗ କରି ନୂତନ ବସ୍ତ୍ର ଗ୍ରହଣ କଲାପରି ଜୀବାତ୍ମା ଜୀର୍ଣ୍ଣ ଶରୀର ପରିତ୍ୟାଗ କରି ନୂତନ ଶରୀର ମଧ୍ୟରେ ପ୍ରବେଶ କରେ । ଏହାକୁ ଭଗବାନ ନିଜେ ଗୀତାରେ ଅର୍ଜୁନଙ୍କୁ ବୁଝାଇ କହିଛନ୍ତି -


ବାସାଂସି ଜୀର୍ଣ୍ଣାନି ଯଥା ବିହାୟ<br>
ନବାନି ଗୃହଣାତି ନରୋଽପରାଣି<br>
ତଥା ଶରୀରାଣି ବିହାୟ ଜୀର୍ଣ୍ଣା<br>
ନ୍ୟାନାନି ସଂଯାତି ନବାନି ଦେହୀ ॥

ଶ୍ରୀଜଗନ୍ନାଥ ପରମେଶ୍ୱର ହେଲେ ମଧ ମାନବୀୟ ଜୀବନଧାରାର ପରିପ୍ରକାଶ କରିବା ପାଇଁ ପୁରୁଷୋତ୍ତମ କ୍ଷେତ୍ରରେ ଦାରୁରୂପ ଧାରଣ କରି ଦେହକୁ ପରିତ୍ୟାଗ କରି ନୂତନ ଦେହ ଧାରଣ କରିଥାନ୍ତି । ଚତୁର୍ଦ୍ଧାମୂର୍ତ୍ତୀଙ୍କର ଏହି ନୂତନ ପ୍ରତିମା ନିର୍ମାଣର ପ୍ରକ୍ରିୟା ହେଉଛି ନବକଳେବର ।

ଶ୍ରୀଜୀଉଙ୍କ ପ୍ରତିମା ନିମ୍ବକାଷ୍ଠ ଦାରୁରେ ନିର୍ମିତ । ମୂର୍ତ୍ତୀଶାସ୍ତ୍ର ବା ଶିଳ୍ପୀଶାସ୍ତ୍ର ଅନୁଯାୟୀ ବିଗ୍ରହ ପାଞ୍ଚ ପ୍ରକାର । ଯଥା - ମଣି ବିଗ୍ରହ, ଧାତୁ ବିଗ୍ରହ, ଚିତ୍ର ବିଗ୍ରହ, ମୃଣ୍ମୟ ବିଗ୍ରହ ଓ ଦାରୁ ବିଗ୍ରହ । ମଣି ବିଗ୍ରହମାନଙ୍କର ଆୟୁ ୧୦ ସହସ୍ର ପରିମିତ ବର୍ଷ । ଧାତୁବିଗ୍ରହର ଆୟୁ ୧ସହସ୍ର ବର୍ଷ । ଚିତ୍ର ପ୍ରତିମାର ଆୟୁ ୧ବର୍ଷ । ମାଟି ପ୍ରତିମାର ପରମାୟୁ ୧ ମାସ କିନ୍ତୁ ଦାରୁ ବିଗ୍ରହର ପରମାୟୁ ୧୨ବର୍ଷ । ଏ ଦୃଷ୍ଟିରୁ ଶ୍ରୀକ୍ଷେତ୍ରରେ ପୂଜିତ ଦାରୁ ବିଗ୍ରହମାନଙ୍କର ନବକଳେବର ନିର୍ଦ୍ଦିଷ୍ଟ ବିଧିବିଧାନ ଅନୁସାରେ ସାଧାରଣତଃ ୧୨ବର୍ଷରୁ ୧୯ବର୍ଷ ମଧ୍ୟରେ ହୋଇଥାଏ ।

ଶ୍ରୀଜଗନ୍ନାଥଙ୍କ ନବକଳେବରକୁ ନେଇ ଗବେଷକବୃନ୍ଦ ଓ ଶାସ୍ତ୍ରାଦି ଭିନ୍ନ ଭିନ୍ନ ତଥ୍ୟ ପ୍ରଦାନ କରିଛନ୍ତି । କେତେକ ଗବେଷକଙ୍କ ମତରେ ଖ୍ରୀଷ୍ଟିୟ ୧୫୭୫ ମସିହାରୁ ନବକଳେବରର ଆୟମାରମ୍ଭ ହୋଇଛି । ଉତ୍କଳ ଦୀପିକା, ମାଦଳାପାଞ୍ଜି ତକଡା ପୋଥି ଓ ବୟସ୍କ ଦଇତାପତିମାନଙ୍କ ଗୃହରେ ଥିବା ପ୍ରାଚୀନ ନଥିରୁ ଏହା ଜାଣିବାକୁ ମିଳେ ଯେ -୧୯୧୨, ୧୯୩୧, ୧୯୫୦, ୧୯୬୯, ୧୯୭୭, ୧୯୯୬ରେ ଶ୍ରୀଜୀଉଙ୍କ ନବକଳେବର ଅନୁଷ୍ଠିତ ହୋଇଥିଲା । ପୁରାଣ ଅନୁସାରେ ଶ୍ରୀଜଗନ୍ନାଥ ପ୍ରଥମେ ନୀଳକନ୍ଦରରେ ପ୍ରସ୍ତର ବିଗ୍ରହ ନୀଳମାଧବ ରୂପେ ପୂଜିତ ହେଉଥିଲେ । ପରେ ସେ ଦାରୁ ବିଗ୍ରହ ରୂପେ ପୂଜିତ ହେଲେ । ସ୍କନ୍ଦପୁରାଣ ଓ ବ୍ରହ୍ମପୁରାଣରେ ଥିବା କାହାଣୀ ଅନୁସାରେ ପଶ୍ଚିମ ସମୁଦ୍ରରୁ ଭାସି ଆସି ପୂର୍ବ ଉପକୂଳରେ ଲାଗିଥିବା ଦାରୁକୁ ଆଣି ଇନ୍ଦ୍ରଦ୍ୟୁମ୍ନ ସେଥିରେ ବିଗ୍ରହ ନିର୍ମାଣ କରାଇଲେ । ସପ୍ନାଦେଶ ଅନୁସାରେ ବିଶ୍ୱକର୍ମା ସେହି ବିଗ୍ରହ ନିର୍ମାଣ କରାଇଲେ । ମାଦଳାପାଞ୍ଜି ଅନୁସାରେ ଭୌମକର ବଂଶର ଶୋଭନ ଦେବଙ୍କ ରାଜତ୍ୱ କାଳରେ ରକ୍ତବାହୁ ପୁରୀ ଆକ୍ରମଣ କରିଥିଲା । ସେତେବେଳେ ସେବକମାନେ ଶ୍ରୀଜଗନ୍ନାଥଙ୍କୁ ନେଇ ସୋନପୁର ଠାରେ ପାତାଳି

କରିଥିଲେ । ସୋମବଂଶୀ ରାଜା ପ୍ରଥମ ଯଯାତି କେଶରୀ ଦୀର୍ଘ ୧୪୪ ବର୍ଷ ପରେ ପୁରୁଷୋତ୍ତମଙ୍କୁ ସେଠାରୁ ଉଦ୍ଧାରକରି ଶାସ୍ତ୍ରୀୟ ବିଧିରେ ନୂତନ ବିଗ୍ରହ ନିର୍ମାଣ କରାଇଥିଲେ । ଏଣୁ ଜଗନ୍ନାଥଙ୍କର ପ୍ରଥମ ନବକଳେବର ଦଶମ ଶତାବ୍ଦୀରେ ହୋଇଥିବାର ସୂଚନା ମିଳେ । ତେଣୁ ଦଶମ ଶତାବ୍ଦୀ ଠାରୁ ଆଜି ପର୍ଯ୍ୟନ୍ତ ଏହି ଦୀର୍ଘ ୧ହଜାର ବର୍ଷ ଭିତରେ କେବେ କେବେ ନବକଳେବର ପର୍ବ ସଂଗଠିତ ହୋଇଥିଲା, ତାହାର ନିର୍ଦ୍ଦିଷ୍ଟ ବିବରଣୀ ଇତିହାସରେ ମଧ୍ୟ ନାହିଁ । ଶ୍ରୀଜଗନ୍ନାଥ ଚେତନାର ବିଶିଷ୍ଟ ଗବେଷକ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଉଲ୍ଲେଖ କରିଛନ୍ତି ଯେ, ଖ୍ରୀଷ୍ଟ ୧୩୭୦ ମସିହାରେ ନବକଳେବର ହୋଇଥିଲା । ଅନ୍ୟଏକ ଲେଖାରେ ଏହା ପ୍ରଥମେ ୧୩୦୮ ଖ୍ରୀ.ଅ.ରେ ହୋଇଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି ।



କିନ୍ତୁ ଇତିହାସର ସର୍ବପ୍ରାଚୀନ ତଥ୍ୟ ଅନୁସାରେ ୧୫୦୪ ଖ୍ରୀ.ଅ.ରେ ନବକଳେବର ସଂଗଠିତ ହୋଇଥିଲା ।

ନବକଳେବରର ଇତିହାସକୁ ଅବଲୋକନ କଲେ ଦେଖାଯାଏ ଯେ, କେତେବେଳେ ଆର୍ଥିକ ସମସ୍ୟା ଓ ଅନ୍ୟକେତେବେଳେ ପ୍ରଶାସନିକ ଅବ୍ୟବସ୍ଥା ଘଟି ଯାତ୍ରୀ ଓ ଭକ୍ତ ଦୁର୍ଦ୍ଦଶା ଭୋଗୁଛନ୍ତି । ୧୮୨୮ ମସିହାର ନବକଳେବରର ସମୟ ବେଳକୁ ଦ୍ୱିତୀୟ ମୁକୁନ୍ଦଦେବଙ୍କ ପୁତ୍ର ରାମଚନ୍ଦ୍ର ଦେବ ଖୋର୍ଦ୍ଧା ରାଜ୍ୟ ହରାଇଥିଲେ ମଧ୍ୟ ସେ ପୁରୀର ଗଜପତି ତଥା ଶ୍ରୀମନ୍ଦିରର ତତ୍ତ୍ୱାବଧାରକ ଥିଲେ । ଅର୍ଥାଭାବ ହେବାରୁ ସେ ସମୟର କଲେକଟର ଏଚ୍. ଏଚ୍. ଆଲୋ କମିଶନର ପୋକେନହାମ୍‌ଙ୍କୁ ନବକଳେବର ନିମନ୍ତେ ଅର୍ଥ ମଞ୍ଜୁର କରିବାକୁ ଅନୁରୋଧ କରିଥିଲେ । ଫଳସ୍ୱରୂପ ୫୫୦୦ ଟଙ୍କା ଅନୁମୋଦନ କରାଯାଇଥିଲା । ତଥାପି ଏହି ଅର୍ଥ ନିଅଣ୍ଟ ହେବାରୁ

ବାଲେଶ୍ୱର ନିମକ ମାହାଲ ୩ ଶହ ସର୍ଣ୍ଣମୁଦ୍ରା ଦେବାପରେ କୌଣସି ମତେ ନବକଳେବର ସଂପନ୍ନ ହୋଇଥିଲା । ୧୮୫୫ ମସିହାରେ ସଂପନ୍ନ ହୋଇଥିବା ନବକଳେବର ରଥଯାତ୍ରାରେ ୨ଲକ୍ଷ ଜନସମାଗମ ହୋଇଥିଲେ ମଧ ପୋଲିସ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ସକ୍ଷମ ହୋଇନଥିଲା । ୧୮୯୩ ମସିହାରେ ଅନୁଷ୍ଠିତ ହୋଇଥିବା ନବକଳେବରର ଅର୍ଥାଭାବ ଝିନଝଟ୍‌ର ସମ୍ଭାବନା ଆଶଙ୍କା କରି ମହାରାଣୀ ସୂର୍ଯ୍ୟମଣୀ ପାଟମହାଦେଈ ଅରାଜି ହେବାରୁ କେବଳ ଆଂଶିକ ନବକଳେବର କରାଯାଇଥିଲା । ଏଥିରେ ଅଧିକ ଯାତ୍ରୀମାନଙ୍କର ଭିଡ଼କୁ ଆଖିଆଗରେ ରଖି ନବଯୌବନ ଦର୍ଶନ ମଧ ବନ୍ଦ କରିଦିଆଯାଇଥିଲା । ଏସବୁ ସତ୍ତ୍ୱେ ରଥଯାତ୍ରାରେ ସମାଗମ ହୋଇଥିବା ଯାତ୍ରୀମାନଙ୍କୁ ନିୟନ୍ତ୍ରଣ କରାଯାଇ ପାରିନଥିଲା । ଭକ୍ତମାନେ ଶ୍ରୀମନ୍ଦିର ଚାରିଦ୍ୱାର ସମ୍ମୁଖରେ ଭିଡ଼ ଜମାଇବାରୁ ମନ୍ଦିରର ଦୈନିକ କାର୍ଯ୍ୟରେ ବିଭ୍ରାଟ ଦେଖାଦେଲା । ସକାଳେ ନୀତିକାର୍ଯ୍ୟ ସଂପନ୍ନ ହୋଇଥିଲା । ଅନେକ ବିଭ୍ରାଟ ଯୋଗୁଁ ଶ୍ରୀଗୁଣ୍ଡିଚା ପରଦିନ ରଥଟଣା ହୋଇଥିଲା ।

୧୯୧୨ ମସିହାରେ ଅନୁଷ୍ଠିତ ହୋଇଥିବା ନବକଳେବରରେ ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ରଥଯାତ୍ରାଦିନ ଗୁଣ୍ଡିଚା ମନ୍ଦିରଠାରେ ଏବଂ ଶ୍ରୀଜଗନ୍ନାଥଙ୍କ ରଥ ତା ପରଦିନ ପହଞ୍ଚିଥିଲା । ୧୯୩୧ ମସିହାରେ ନବକଳେବରରେ ମଧ ବିଭ୍ରାଟ ଘଟିଥିଲା । ଗୁଣ୍ଡିଚାଦିନ ରଥ ଚାଲିନଥିଲା ବରଂ ପହଣ୍ଡିବିଜେ ସରିବା ବେଳକୁ ସନ୍ଧ୍ୟା ହେବାରୁ ଭକ୍ତମାନେ ଅନେକ ଯନ୍ତ୍ରଣା ସହ୍ୟକଲେ । ୧୯୫୦ ମସିହାରେ ସାଧୁ ଓ ପୋଲିସର ସଂଘର୍ଷ ଫଳରେ ଧିରେ ଧିରେ ନବକଳେବରରେ ସାଧୁଙ୍କ ସଂଖ୍ୟା କମିବାକୁ ଲାଗିଲା । ୧୯୬୭ ମସିହାର ପରବର୍ତ୍ତୀ ନବକଳେବରର ରଥାଯାତ୍ରା ଜୁଲାଇ ୧୮ତାରିଖରେ ପଡିଥିଲା କିନ୍ତୁ ଧାର୍ଯ୍ୟ ହୋଇଥିବା ସମୟ ଠାରୁ ଢେର ବିଳମ୍ବ ଯୋଗୁଁ ପହଣ୍ଡି ୫ଟାରେ ଏବଂ ଛେରାପହଁରା ସନ୍ଧ୍ୟା ୬ଟାରେ ସମାପ୍ତ ହେଲା । କେବଳ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ବଳଭଦ୍ର ଠାକୁରଙ୍କ ରଥକୁ ଚାରିହାତ ଟାଣି ରଖାଯାଇଥିଲା ଏହା ଲକ୍ଷ ଲକ୍ଷ ଭକ୍ତଙ୍କୁ ନିରାଶ କରିଥିଲା । ପରଦିନ ବଳଭଦ୍ରଙ୍କ ରଥ ପୁନଶ୍ଚ ଟଣାହେବା ସମୟରେ କିଛିବାଟ ଯିବାପରେ ରଥର ୬ଟି ଚକ ଭାଙ୍ଗିଗଲା । ଦିନ ୧୧ଟାରେ ରଥ ମରାମତି କାର୍ଯ୍ୟ ଶେଷ ହେଲା, ଫଳସ୍ୱରୂପ ରଥା ଟଣାକୁ ଅପେକ୍ଷା କରିଥିବା ଲକ୍ଷ ଲକ୍ଷ ଭକ୍ତ ଗଭୀର ଅସନ୍ତୋଷ ପ୍ରକାଶ କଲେ । ଏହାଦ୍ୱାରା ସରକାର ଗଣମାଧ୍ୟମରେ ମାତ୍ରାଧିକ ସମାଲୋଚିତ ହେବାକୁ ଲାଗିଲେ ।

ଏସବୁ ନବକଳେବରଗୁଡ଼ିକର ପରିସ୍ଥିତିକୁ ଆଖିଆଗରେ ରଖି ୧୯୯୬ର ନବକଳେବର ଓ ରଥଯାତ୍ରାକୁ ସମ୍ପୂର୍ଣ୍ଣଭାବେ ସମନ୍ୱିତ, ଶୃଙ୍ଖଳିତ ଏବଂ ସବୁ ଦୃଷ୍ଟିରୁ ସଫଳ କରିବାନିମନ୍ତେ ପ୍ରଶାସନ ପ୍ରଥମରୁ ଯେଉଁ ପ୍ରଚେଷ୍ଟା କରିଥିଲେ ତାହା ସଫଳ ହେଲା । ଶାନ୍ତିଶୃଙ୍ଖଳାର ସହିତ ଏହା ସଫଳହୋଇ ଭବିଷ୍ୟତର ସଫଳତା ନିମନ୍ତେ ଏକ ସମ୍ଭାବନା ସୃଷ୍ଟିକଲା । ନବକଳେବରର ପ୍ରକ୍ରିୟାରୂପେ ଆଲୋକପାତ କଲେ ଜଣାଯାଏ ଯେ, ଶ୍ରୀଜଗନ୍ନାଥଙ୍କ ଖେଳାଲୀଳା କେତେ ଅଲୌକିକ ଓ ଅନନ୍ୟ । ନବକଳେବରର ପ୍ରକ୍ରିୟା ଚୈତ୍ରମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଶୁଭାରମ୍ଭ ହୁଏ । ଏହି ଦିନଥାଏ ବାସନ୍ତିକ ଦଶହରା । ଦାରୁ ଅନ୍ୱେଷଣରେ ଯାଇଥିବା ସେବକ କର୍ମଚାରୀ, ବନଯୋଗଯାତ୍ରା, କାକଟପୁର ମଙ୍ଗଳା, ମାଉସୀ ମା', ବନଯାଗ ଦଳ ଓ ଦେଉଳି ମଠ, ସପ୍ନାଦେଶ, ଦାରୁ ଲକ୍ଷଣ, ଦାରୁ ଛେଦନ, ଶଗଡ଼ି ସାହାଯ୍ୟରେ ଶ୍ରୀକ୍ଷେତ୍ରକୁ ଦାରୁ ଆଣିବା, ବିଗ୍ରହ ନିର୍ମାଣ, ଯଜ୍ଞଗୃହ ନିର୍ମାଣ ମଣ୍ଡପ, ଘଟପରିବର୍ତ୍ତନ ଓ ପୁରାତନ ବିଗ୍ରହମାନଙ୍କର ପାତାଳି, ଦଇତାପତିମାନଙ୍କର ହବିଷ୍ୟ ଓ ଶୁଦ୍ଧିକ୍ରିୟା ଇତ୍ୟାଦି ବିଧିବିଧାନ ଦେଇ ଗତିକରେ । ପ୍ରଭୁଙ୍କର ମାନବୀୟ ଲୀଳାର ଅନୁଧାନ କଲେ ଆମେ ଜାଣିବାକୁ ପାଉ ଯେ, ଦାରୁ ମହାପ୍ରଭୁଙ୍କ ଅସ୍ଥି । ରକ୍ତ ହେଉଛି ଲାଲ ରଙ୍ଗର ପାଟବସ୍ତ୍ର । ଶିରାପ୍ରଶିରା ହେଉଛି ପାଟଡୋର, ମାଂସ ହେଉଛି ଔଷୁଅ । ମଣିଷ ଶରୀର ପରି ମହାପ୍ରଭୁଙ୍କ ଶରୀର ଗଢ଼ାଯାଇଥାଏ । ଯବଶାସ୍ତ୍ର ଅନୁଯାୟୀ ମନୁଷ୍ୟପରି ମହାପ୍ରଭୁ ପ୍ରତି ବୁଧବାର କ୍ଷୌରକର୍ମ ହୁଅନ୍ତି । ଅର୍ଥାତ୍ ପ୍ରମୁଖ ଶ୍ରୀମୁଖ ଶୃଙ୍ଗାର ହୁଏ । ଶୀତହେଲେ ଘୋଡ଼ି ହୁଅନ୍ତି । ଗରମ ହେଲେ ଚନ୍ଦନ ଲଗାଇ ଚାପ ଖେଳନ୍ତି । ଚାମର ସେବା ହୁଅନ୍ତି । ବିଡ଼ିଆ ପାନ ମଣୋହି ହୁଅନ୍ତି ।



ପଣା ପିଅନ୍ତି । ୧୦୮ଗରା ସୁନାକୂଅ ପାଣି ଗାଧୋଇ ଜ୍ୱରରେ ଥାଆନ୍ତି । ତା'ପରେ ଅଣସର ନୀତି ପାଳିତ ହୁଏ ।

ଅଧୁନା ୨୦୧୫ ନବକଳେବରରେ ଏହିସବୁ ପ୍ରକ୍ରିୟାରେ ଅତ୍ୟନ୍ତ ବିଭ୍ରାଟ ଘଟିସାରିଲାଣି । ଶବର ପଲ୍ଲୀରେ ଭିଡିଓ କଲିଂ । ଦାରୁ ଚୟନରେ ଅନୀୟମିତତା, ଦାରୁସ୍ଥଳରେ ଅସାଭାବିକ ପରିବେଶ, ବ୍ରହ୍ମପରିବର୍ତ୍ତନ ରେ ମହାବିଭ୍ରାଟ ଏହାର ସଫଳତା ଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ବ୍ରହ୍ମର ରହସ୍ୟ ଯେପରି ପ୍ରଘଟ ହେଲା ତାହା ଆଶାତୀତ ଓ ବିଶ୍ୱାସର କୁଠାରଘାତ । ଏସବୁ ସତ୍ତ୍ୱେ ସବୁ ଦେଖୁଥିବା ସବୁ ଜାଣୁଥିବା ଚକାଆଖି ତା'ର ଏହି ନବକଳେବର ବର୍ଷର ଘୋଷଯାତ୍ରାକୁ ନିଜେ ସଠିକ୍ ଭାବେ ସଂପାଦନ କରାଇବେ ଏହା ଆମର ବିଶ୍ୱାସ ।

ଆଗକୁ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନବକଳେବରର ସଂପନ୍ନହେବ ଏହା ବିଶ୍ୱନିୟନ୍ତାଙ୍କ ଇଚ୍ଛା । ମହାମାନ୍ୟଙ୍କର ନବକଳେବରର ଲୋକଶିକ୍ଷାମୂଳକ ବ୍ରହ୍ମସତ୍ୟ ଜଗତ ମିଥ୍ୟା, ଜାତସ୍ୟ ହି ଧ୍ରୁବୋମୃତ୍ୟୁ । ଯୁଗେଯୁଗେ ଭଗବାନଙ୍କର ଏହି କାର୍ଯ୍ୟ ଚାଲୁରହିବ । ଯୁଗେଯୁଗେ ଲୀଳା ସମୟରେ ସାକାର ରୂପ ଧାରଣ କରି ମର୍ତ୍ତ୍ୟ କୁ ଅବତରଣ କରିଥାନ୍ତି । ଭଗବତ ଅନୁଯାୟୀ –


"ଯୁଗକୁ ଯୁଗ ଏହି ମତେ
ପରମାନନ୍ଦ ଏ ଜଗତେ ।"

ଖ୍ରୀଷ୍ଟ ମହାବିଦ୍ୟାଳୟ
କଟକ

# ବିଦେଶିନୀ

ବନଲତା ସିଂହ

ମରାଳ ମାଳିନୀ ନିଳାମ୍ବୁ ଚିଲିକା । ତା'ରି ପାଖରେ ମାଣିକ ପାଟଣା ଗାଁ । ସଞ୍ଜ ନଇଁ ନଇଁ ଆସୁଛି । ଗୋଟିଏ ଗହଳିଆ ଲତା ବୁଦା ମୂଳରୁ ଚିଁ..... ଚିଁ..... ଶବ୍ଦଟି ଭାସି ଆସୁଥିଲା । ପାଖରେ ଗୋଟିଏ ବଡ ଗଛଡାଳରେ ମୟୂର ଟିଏ ବସିଥିଲା । ସେ ଚିଁ.... ଚିଁ.... ଶବ୍ଦଟି ଯେଉଁ ଠାରୁ ଆସୁଥିଲା ସେଠାକୁ ଯାଇ ଦେଖିଲା



ଗୋଟିଏ ସୁନ୍ଦର ରଙ୍ଗ ବେରଙ୍ଗର ପକ୍ଷୀଯୁକ୍ତ ପକ୍ଷୀଟିଏ ତା'ର ନାଲିଆ ସୁନ୍ଦର ଥଣ୍ଟ ମେଲାଇ ଚିଁ .... ଚିଁ .... ସ୍ୱରରେ କ'ଣ କହୁଛି । ମୟୂରକୁ ଦେଖି ଡରି କରି ଉଡ଼ି ଯିବାକୁ ଉଦ୍ୟତ ହେଲାବେଳକୁ, ମୟୂର କହିଲା ଡର ନାହିଁ, ମୁଁ ତୁମର କିଛି କ୍ଷତି କରିବିନି । ଆଚ୍ଛା ଏଥର କୁହ ତୁମେ କିଏ ? ଏଠି କ'ଣ କରୁଛ ? ପକ୍ଷୀଟି କହିଲା ମୁଁ ବିଦେଶିନୀ । ଆମେ ପ୍ରତିବର୍ଷ ଦଳ ଦଳ ହୋଇ ଚିଲିକାକୁ ଉପଭୋଗ କରିବାକୁ ଆସୁ । ଏଥର ମଧ୍ୟ ଆମେ ଆସିଥିଲୁ । ଆଜି ଏଠାରେ ପକ୍ଷୀ ଗଣନା ହେଉଥିଲା । ମୋତେ ଛାଡି ମୋ ଦଳ କେଉଁଆଡେ ଚାଲିଗଲେ । ମୁଁ ଏକୁଟିଆ ହୋଇଗଲି, ମୋତେ ଭାରି ଡର ଲାଗୁଛି ।

ମୟୂର କହିଲା ଡରନା, ଆସ ମୋ ଡେଣା ଉପରେ ବସ, ମୁଁ ତୁମକୁ ଭଲ ସୁରକ୍ଷିତ ସ୍ଥାନକୁ ନେଇଯିବି । ପକ୍ଷୀଟି ଭୟ ମିଶ୍ରିତ ଆନନ୍ଦରେ ମୟୂର ଡେଣାରେ ବସିଲା । ଆଉ ମୟୂର ଗଛର ସର୍ବୋଚ୍ଚ ସ୍ଥାନକୁ ନେଇଗଲା । ଡାଳରେ ଓହ୍ଲାଇ କିଛି ମିଠା ଫଳ ରଖିଥିଲା, ବିଦେଶିନୀକୁ ଖାଇବାକୁ ଦେଲା । ବିଦେଶିନୀ କୃତଜ୍ଞତା ପୂର୍ଣ୍ଣ ଆଖିରେ ଚାହିଁ ଧନ୍ୟବାଦ ଜଣାଇଲା । ମୟୂର କହିଲା ମୋତେ ଧନ୍ୟବାଦ କାହିଁକି ଦେଉଛ ? ପକ୍ଷୀଟି କହିଲା

ମୋତେ ଗୋଟିଏ ବିପଦ ସ୍ଥାନରୁ ଉଦ୍ଧାର କରି ଏଠାରେ ସୁରକ୍ଷିତ ସ୍ଥାନରେ ରଖିଲ । ମୋତେ ନିଜ ଖାଦ୍ୟରୁ ଖାଇବାକୁ ଦେଇ, ଧନ୍ୟବାଦ ଦେବିନିତ ଆଉ କାହାକୁ ଦେବି ? ମୟୂର କହିଲା, ଦେଖ ବିଦେଶିନୀ.... ଆମେ ଓଡ଼ିଶାବାସୀ, ପରକୁ ସାହାଯ୍ୟ କରିବା ଆମର ସଂସ୍କାର ଓ ପରମ୍ପରା । ମୁଁ କେବଳ ମୋର କର୍ତ୍ତବ୍ୟ ପାଳନ କରିଛି । ଏଠାରେ ଜଙ୍ଗଲର ସରୀସୃପ ସହ ହିଂସ୍ରଜନ୍ତୁଙ୍କର ଭୟ ନାହିଁ । ତୁମେ ଆରାମରେ ଏଠାରେ ଶୋଇପଡ । ପକ୍ଷୀଟି କହିଲା ଆଚ୍ଛା ତୁମେ କିଏ ? ତୁମର ପରିଚୟ କ'ଣ ? ମୟୂର କହିଲା, ମୁଁ ହେଉଛି ମୟୂର । ବିଦେଶିନୀ ଆନନ୍ଦରେ ବିହ୍ୱଳ ହୋଇ ପଚାରିଲା, ତୁମେ ମୟୂର ! ତୁମେ ଭାରତର ଜାତୀୟ ପକ୍ଷୀ ! ତୁମ ପକ୍ଷ ଇନ୍ଦ୍ରଧନୁର ସାତ ରଙ୍ଗରେ ଚିତ୍ରିତ ? ତୁମେ ପୁଚ୍ଛ ଟେକି ନାଚ ? ଟିକିଏ ନାଚିଲ ମୁଁ ଦେଖିବି । ଏକା ସାଙ୍ଗରେ ଏତେ ଗୁଡ଼ିଏ ପ୍ରଶ୍ନର ଉତ୍ତର କ'ଣ ଦେବ ଭାବି ଖାଲି ହଁ ଟିଏ ମାରି ବସିଲା । ପକ୍ଷୀଟି ପୁଣି ଜିଦିକରି କହିଲା, ଟିକେ ନାଚ ନା... । ମୟୂର କହିଲା ଶୁଣ, ମେଘ ନ ଉଠାଇଲେ ମୁଁ ନାଚି ପାରେନା । ତୁମେ ଆଷାଢ଼ ମାସ ପର୍ଯ୍ୟନ୍ତ ରୁହ, ମୋ ନାଚ ଦେଖିବ, ଆଉ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ନବକଳେବର ଉତ୍ସବ ଦେଖିବ । ପକ୍ଷୀଟି ଉଚ୍ଚ ସ୍ୱରରେ ଚିଁ... ଚିଁ.... ହୋଇ କହିଲା... ନାଇଁରେ ବାବା ମୁଁ ଯିବିନି । ମୁଁ ତ ବିଦେଶିନୀ ମୋତେ ମନ୍ଦିର ମନା । ଛୁଇଁବା ମନା । ମୁଁ କିପରି ଦର୍ଶନ କରିବି ? ପୁଣି ମାଡ ଖାଇବି, ନାହିଁ ମୋର ଦରକାର ନାହିଁ ।

ମୟୂର କହିଲା ସେହିତ ପ୍ରଭୁଙ୍କର ଲୀଳା । ମନ୍ଦିର ଭିତରକୁ ପରମ୍ପରା ବିରୁଦ୍ଧ କରୁଛି ବୋଲି ସେ ନିଜେ ବଡ଼ ଦାଣ୍ଡକୁ ଆସି ରଥ ଉପରେ ସମସ୍ତଙ୍କୁ ଦର୍ଶନ ଦିଅନ୍ତି । ପ୍ରଭୁଙ୍କର କ'ଣ ଜାତି ଅଜାତି ବାରଣ ଅଛି ? ଆମେ ଛୁଇଁବା ଉପରେ କାହିଁକି ଏତେ ଗୁରୁତ୍ୱ ଦେବା ? ଆମେ କ'ଣ ଆକାଶ, ପବନ, ସୂର୍ଯ୍ୟ, ଚନ୍ଦ୍ରଙ୍କୁ ଛୁଇଁ ପାରୁଛେ । ସେ କ'ଣ ଆମକୁ ତାଙ୍କ କୃପାରୁ ବଞ୍ଚିତ କରିଛନ୍ତି । ତାଙ୍କର ପ୍ରତିଦାନକୁ ଆମେ ଉପଭୋଗ କରୁଛୁ । ଆମ ଦେହରେ ବିଷୟା ବିଷର ଜୀବାଣୁ ଭର୍ତ୍ତି ହୋଇଅଛି । ଆମେ ତାଙ୍କ କୋମଳ ଶ୍ରୀ ଅଙ୍ଗକୁ କାହିଁକି ଜୀବାଣୁ କ୍ଲିଷ୍ଟ କରିବା ? ପକ୍ଷୀଟି ପଚାରିଲା..ଆଚ୍ଛା ପକ୍ଷୀରାଜ ଶ୍ରୀ ଜଗନ୍ନାଥଙ୍କୁ ଦାରୁ ଦେବତା କାହିଁକି କହନ୍ତି ? ମୟୂର କହିଲା ହଁରେ ବିଦେଶିନୀ ଓଡ଼ିଶାର ପାଣି ପବନ, ବାଲି, ମାଟି, କାଠ, ପଥର ସବୁ ଦେବତା । ସବୁକୁ ଖୋଳିଲେ ସବୁ ପଛରେ ଗୋଟିଏ ଲେଖା କିମ୍ବଦନ୍ତୀ ଅଛି । ଓଡ଼ିଶା ମାନେ ହିଁ କିମ୍ବଦନ୍ତୀ, ଓଡ଼ିଶା ଭାସ୍କର ଚାରୁକଳା, କୋଣାର୍କ ସପ୍ତ ଆଶ୍ଚର୍ଯ୍ୟ ଭିତରେ ଗୋଟିଏ ଆଶ୍ଚର୍ଯ୍ୟ । ଆମେ ଓଡ଼ିଆ, ଓଡ଼ିଶାରୁ ସ୍ନେହ, ମମତା, ଭାତୃ ସ୍ନେହ, ଭାଇଚାରା, ସଂସ୍କାର, ଆଚରଣ ସବୁ ଶିଖୁ ଓ ଶିଖାଉ । ଆମ ଓଡ଼ିଶାର ବୀରମାନେ ରକ୍ତ ଦେଇ ଓଡ଼ିଶାକୁ ସୁରକ୍ଷା ଦେବା ସଙ୍ଗେ ସଙ୍ଗେ ଶରଣାର୍ଥୀଙ୍କୁ ମଧ୍ୟ ସୁରକ୍ଷା ଦିଅନ୍ତି ।

ଏଠାରେ ଜଗନ୍ନାଥ ନିଜେ ମାନବୀୟ ଲୀଳା କରନ୍ତି । ଆଉ ସଂସାରକୁ ଶିଖାନ୍ତି । ବିଦେଶିନୀ କହିଲା ... ହଁ ପରା ଆମକୁ ଓଡ଼ିଶାର ସବୁ ଭଲଲାଗେ । ଓଡ଼ିଶାର ଐତିହ୍ୟ ପରମ୍ପରା ପ୍ରକୃତରେ ଶିକ୍ଷଣୀୟ । ଏଠି ପଥର ବି ଗୀତ ଗାଏ କଥା କହେ । ତୁମକୁ ପୁଣି ଥରେ ଧନ୍ୟବାଦ ଦେଉଛି.... କାରଣ ଏତେ ଭଲ କଥା ଶୁଣାଇ ମୋତେ ଏତେ ସାହାଯ୍ୟ କରିଲ । ତୁମକୁ ପୁଣି ଥରେ ଧନ୍ୟବାଦ । ମୁଁ ପୁଣି ଆଷାଢ଼ ମାସରେ ନାଚ ମଧ୍ୟ ଦେଖିବି । ମୟୂର କହିଲା ଆସ ମୋ ଡେଣା ତଳେ ଶୋଇପଡ଼ । କାଲି ତୁମେ ଦଳ ସହିତ ଚିଲିକାକୁ ଉପଭୋଗ କରି ପୁଣି ସ୍ୱଦେଶକୁ ଫେରିଯିବ । ବିଦେଶିନୀ ରାତ୍ରିଯାପନ କରି ତା ପରଦିନ ସକାଳୁ ଜୟ ଜଗନ୍ନାଥ କହି ଉଡ଼ିଗଲା ।

ଗଣ୍ଡରପୁର,

ମୋ : ୮୭୬୩୯୬୬୧୦୩

●

# ଏଇତ ଆରମ୍ଭ

**ପାୟଲ ଜେନା**

ବର୍ତ୍ତମାନ ଆଧୁନିକ ଯୁଗରେ "ପ୍ରେମ" ଶବ୍ଦ ଏକ ସାଧାରଣ ଶବ୍ଦ । ଯାହାର ସଂଜ୍ଞା ଯେ କେହି ବି ଦେଇପାରିବ । କିନ୍ତୁ ପ୍ରକୃତରେ ପ୍ରେମର ଅର୍ଥ ଆମେ ବୁଝିଥିଲେ ପ୍ରତିଦିନ ଖବର କାଗଜର ପୃଷ୍ଠା ଲେଉଟାଇଲେ ପ୍ରେମରେ ପ୍ରତାରଣା, ପ୍ରେମରୁ ହତ୍ୟା, ପ୍ରେମ ପାଇଁ ବଳାତ୍କାର ଆଦି ଖବର ବାହାରନ୍ତାନି କି ଆଜିର ଯୁଗରେ ସୋସିଆଲ ମିଡିଆରେ ପ୍ରେମରେ ଶିକାର ହୋଇ ଆତ୍ମହତ୍ୟା ଖବର ବି ପ୍ରଚାର ହୋଇନଥାନ୍ତା । ପ୍ରକୃତରେ ପ୍ରେମ ହେଉଛି ଏକ କଠିନ ପଥ । ଯେଉଁ ପଥରେ କେତେବେଳେ ପୁଷ୍ପରେ ସଜ୍ଜିତ ତ କେତେବେଳେ କଣ୍ଟକିତ । କେତେବେଳେ ଦୁଃଖମୋହିନୀ ତ କେତେବେଳେ ଯନ୍ତ୍ରଣାଦାୟକ । କେତେବେଳେ ସପ୍ନର ତାଜମହଲ ତ କେତେବେଳେ ବାସ୍ତବର ବାଲିଘର । ସେ ଯାହାବି ହେଉ ଆଜିର ତାରିଖରେ ପ୍ରକୃତ ପ୍ରେମ କରିବା ଏକ କଷ୍ଟକର ବ୍ୟାପାର । କାରଣ ସେ ଭଲପାଇବା ଭଲ ପାଇବା ନୁହେଁ ଯେଉଁ ଭଲପାଇବାରେ ଦୁହେଁ ଭଲପାଇ ଘରସଂସାର କରି ଅଧା ରାସ୍ତାରେ ଅନୁଭବ କରନ୍ତି ଯେ, ସେମାନେ ଭଲପାଇ ଭୁଲ୍ କରିଛନ୍ତି । ଏବଂ ଦୁହିଁଙ୍କ ମଧ୍ୟରେ ପାରିବାରିକ କଳହ ଏବଂ କଳହର ଶେଷ ସୀମା ଛାଡ଼ପତ୍ରରେ ଶେଷ ହୋଇଯାଏ । ଏହା କେବେ ପ୍ରେମ ହୋଇପାରେନି । ଏହା ଏକ ମନର ଭୁଲ୍ ବୁଝାମଣା ସହ ସମାନ । ଆଜିର ପ୍ରେମ ଯୁବପୀଢ଼ିଙ୍କ ମଧ୍ୟରେ ପାର୍କର କୌଣସି ଏକ ବୃଦାମୂଳରେ ଅଥବା ସିନେମା ହଲ୍‌ରେ ସୀମିତ । ଯାହା ପ୍ରେମର ପ୍ରକୃତ ଅର୍ଥର ବୀପରୀତ । ପ୍ରେମ ହେଉଛି ଶାଶ୍ୱତ, ସୁନ୍ଦର ଯେଉଁଥିରେ ପାଇବାର ଆଶା ନରଖି ନିଜକୁ ପ୍ରେମିକର ଅଂଶ ଭାବିନେଇ ଦୁହିଁଙ୍କ ପାଇଁ ଦୁହେଁ ଗୋଟିଏ ପଥରେ ଅଗ୍ରସର ହେବା ଉଚିତ୍ । ଯାହା ବର୍ତ୍ତମାନ ଦୁନିଆରେ ଖୁବ୍ କମ୍ ମାତ୍ରାରେ ପରିଲକ୍ଷିତ । କିନ୍ତୁ ଏବେ ମଧ୍ୟ ପୃଥିବୀର କୌଣସି ଏକ କୋଣରେ ଲୁଚି ରହିଛି ସେହି ସାର୍ଥକ ପ୍ରେମ । ଯାହା ରାଧାକୃଷ୍ଣଙ୍କ ପ୍ରେମ ପରି ପବିତ୍ର, ଶାଶ୍ୱତ ନହୋଇପାରେ କିନ୍ତୁ ତାହା ଆଜି ତାରିଖରେ ପ୍ରେମଠୁ ବହୁ ଉର୍ଦ୍ଧ୍ୱରେ ଯାହାର ସୁନ୍ଦର ଟିପ୍ପଣୀ ନିମ୍ନରେ ଦର୍ଶାଗଲା ।

ସମସ୍ତ ଝିଅପରି ସେ ବି ଦିନେ ଭାବୁଥିଲା ତା ମନରେ କେହିଜଣେ ଆସିବ । ଆଉ ତାକୁ ପାର୍କ ନବ, ରେଷ୍ଟୁରାଣ୍ଟ ନବ । ହଠାତ୍ ସେ ଝିଅ ପାଖରେ ସେ ଦିନ ଉପସ୍ଥିତ ହେଲା । ଝିଅଟି ତାର ଅଜାଣତରେ ତାର ଦୂର ସମ୍ପର୍କୀୟ ଏକ ପୁଅର ପ୍ରେମରେ ପଡିଗଲା । କିନ୍ତୁ ସେ ପୁଅଟି ମଧ୍ୟ ଅନ୍ୟ ଜଣଙ୍କୁ ବହୁତ ଭଲ ପାଉଥିଲା । ଏ କଥା ଜାଣିବା ପରେ ଝିଅଟି ମନଦୁଃଖ ନିଷ୍ପତ୍ତି କରିଥିଲା । କିନ୍ତୁ



ତା ମନରୁ ପ୍ରେମ ଟିକିଏ ବି କମିନଥିଲା । ଏହି ତ୍ରିକୋଣୀୟ ପ୍ରେମ ବହୁଦିନ ଚାଲିଲା । ତା ଭିତରେ ଝିଅଟି ମନକୁ ପଥର କରି ସେ ପୁଅ ସହ ପ୍ରେମ ସମ୍ପର୍କ ରଖିବାରେ ବ୍ୟସ୍ତ ରହିଲା । ସେ ପ୍ରତିକ୍ଷା କରିଥିଲା ସେ ପୁଅକୁ । ସେ ନିଶ୍ଚିତ ଥିଲା ଯେଉଁ ପ୍ରେମରେ ସାର୍ଥ ନାହିଁ, ଆଶା ନାହିଁ ସେ ପ୍ରେମ ନିଶ୍ଚୟ ଦିନେ ନା ଦିନେ ତା ପାଖକୁ ଫେରିବ । ଏହିପରି ଦୁଇବର୍ଷ ପ୍ରତିକ୍ଷା କରିଥିଲା ସେ ମନରେ କେବଳ ସେ ପୁଅ କଥା ଭାବି ନିଜର ପ୍ରେମମୟ କଣ୍ଟକିତ ପଥରେ ଅଗ୍ରସର ହେଉଥିଲା । ସେ ପୁଅଟି ପାଇଁ ନିଜକୁ ଭୁଲିଯାଉଥିଲା । ଏପରି ଏକ ଦିନ ଆସିଲା ଯେଉଁଦିନ ସେ ପୁଅଟି ନିଜେ ଆସି ଝିଅର ପ୍ରେମର ଗୁରୁତ୍ୱକୁ ଅନୁଭବ କରିପାରି ତାର ପ୍ରେମକୁ ସ୍ୱୀକାର କଲା । ଏହି ସମୟଟା ଝିଅପାଇଁ ଥିଲା ଚିରସ୍ମରଣୀୟ । ସାରା ଦୁନିଆଟା ତାକୁ ରଙ୍ଗୀନ୍ ଲାଗୁଥିଲା । ସେ ପୁଅଟି ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ପୁଅଟି ଆଜିର ଏ ଆଧୁନିକ ସମାଜ ସହ ଅତି ନିବିଡ଼ ଭାବେ ଜଡିତ ଥିଲା । ସେ ଜାଣିଥିଲା ଏ ପ୍ରେମର ଶେଷ ବିବାହ ହୋଇପାରିବନି । ସେ ପୁଅ କେବେ ବି ଦୁହିଁଙ୍କ ପରିବାର ଲୋକଙ୍କ ମନରେ ଅଶାନ୍ତି ଦେଇ ନିଜେ ଖୁସିରେ ଘର ସଂସାର କରିବାକୁ ଚାହୁଁନଥିଲା । ପୁଅଟି ମଧ୍ୟ ଝିଅଟିକୁ ଭଲ ପାଉଥିଲା କିନ୍ତୁ ସେ ଭଲପାଇବାରେ ପ୍ରକୃତ ମୂଲ୍ୟ ବୁଝିଥିଲା । ଏ ଦୁହିଁଙ୍କ ପ୍ରେମରେ ଝଗଡ଼ା ହୁଏ, ଏତଦ୍ ଦ୍ୱାରା ପ୍ରେମ ବଢ଼େ, ବ୍ରେକ୍‌ଅପ୍ ଶବ୍ଦ ଆସେନି । ଏ ପ୍ରେମରେ ଏକାକୀ ଦେଖାହୁଏ କେବଳ ଦୁହେଁ ଦୁହିଁକୁ ଦେଖି ସାମାନ୍ୟ ତୃପ୍ତି ପାଆନ୍ତି । କିନ୍ତୁ ଅନ୍ୟ ମନ୍ଦ ଉଦ୍ଦେଶ୍ୟ ନଥାଏ । ସେ ପୁଅ ଦୁନିଆର ପ୍ରଥା, ସମାଜର ଚାଲିଚଳଣିକୁ ବୁଝି ସେ ଝିଅଠୁ ଦୂରେଇ ଯିବାକୁ ଚାହୁଁଥିଲା । କାରଣ ସେ ଜାଣିଥିଲା ଯେତେ ଅଧିକା ପ୍ରେମ ବଢ଼ିବ ବିଚ୍ଛିନ୍ନ ସମୟରେ କଷ୍ଟ ମଧ୍ୟ ସେତେ ଅଧିକା ହେବ । କିନ୍ତୁ ସେ ଝିଅର ନିର୍ଲୋଭ ପ୍ରେମ  ପୁଅକୁ ଦୂରେଇବାକୁ ଦେଉନଥିଲା । କାରଣ ଯେଉଁ ପ୍ରେମ ହୃଦୟରେ ବସିଯାଇଥାଏ, ସେ ପ୍ରେମକୁ ହଠାତ୍ କାଢ଼ିଦେବା ସମସ୍ତଙ୍କ ପକ୍ଷରେ ଏତେ ସହଜ ହୋଇପାରେନା ଏବଂ ଯାହା ପାଖରେ ଏହା ସମ୍ଭବ ହୁଏ ତ ତା ପ୍ରେମ ମନକୁ ଜାଣିପାରିଥିଲା, କିନ୍ତୁ ହୃଦୟକୁ ନୁହେଁ । ସେ ଝିଅଟି, ପୁଅର ଭଲପାଇବା ଥିବା ଜାଣିପାରି ତା ପାଇଁ ଘରଛାଡିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ସେ ପୁଅଟି ଏଥିରେ ଏକମତ ନଥିଲା ଏବଂ ଝିଅଟିକୁ ବୁଝାଇଥିଲା । ଦୁହେଁ କୋର୍ଟମ୍ୟାରେଜ୍ କରି ଅଥବା ଘରୁ ଲୁଚି ବାହା ହୋଇ ଖୁସିରେ ଘରସଂସାର କରିପାରିବେ କିନ୍ତୁ କେବେ ଆତ୍ମତୃପ୍ତି ପାଇପାରିବେନି । କାରଣ ଦୁହିଁଙ୍କ ପରିବାର ହେଉଛନ୍ତି ପ୍ରେମ ବିରୋଧି ମନୋଭାବ ଥିବା ପରିବାର । ତେଣୁ ସେ ଏହି ପ୍ରେମକୁ ସ୍ୱୀକୃତି ପ୍ରଦାନ କେବେ ବି କରିବେନି । ଆଉ ପୁଅଟି ଝିଅଟିକୁ କହିଥିଲା ପରିବାର ମନରେ ଅଶାନ୍ତି ଦେଇ କେବେବି ଶାନ୍ତିରେ ଜୀବନଯାପନ କରିପାରିବେନି । ଝିଅଟି ସତ୍ୟକୁ ସାମ୍ନା କରିବାକୁ ପ୍ରସ୍ତୁତ ନଥିଲା । କିନ୍ତୁ ସେ ଅନୁଭବ କଲା ଯେ, ପ୍ରଥମରୁ ହିଁ ଈଶ୍ୱରଙ୍କୁ ତାର ଭଲପାଇବା ପାଇଁ ହାତଯୋଡ଼ି ଆସିଛି । ବାହାଘର ନିମନ୍ତେ ନୁହେଁ । ସେ ସର୍ବଦା ମନରେ ଠାକୁରଙ୍କୁ ଏତିକି ଡାକିଛି ଯେ  ପୁଅର ଭଲପାଇବା ଟିକକ ତାକୁ ମିଳୁ, ସେ ପୁଅର ସାରାଜୀବନ ନୁହେଁ ।  କାରଣ ସେଇ କିଛିବର୍ଷର ଭଲପାଇବାର ସ୍ମୃତି ତା ପାଇଁ ଯଥେଷ୍ଟ ଜୀବନଯାପନ ନିମନ୍ତେ । ସେ ମଧ୍ୟ ଜାଣିଛି ନିଜ ପରିବାର ଠୁ ଉର୍ଦ୍ଧ୍ୱରେ କୌଣସି ପ୍ରେମିକ ହୋଇ ନପାରେ । ସେ ମଧ୍ୟ ବୁଝିଛି ଏକାସାଥିରେ ରହିବାରେ କେବଳ ପ୍ରେମ ବଢ଼ିନଥାଏ । କିଛି ପ୍ରେମ ବିଛିନ୍ନତାରେ ହିଁ ବଢ଼ିଥାଏ । ଏହା କଷ୍ଟ ଏବଂ ଯନ୍ତ୍ରଣାଦାୟକ ନିଶ୍ଚିତ । କିନ୍ତୁ ପ୍ରକୃତ ପ୍ରେମର ଯଥାର୍ଥ ସାର୍ଥକ ନିମନ୍ତେ ଉପଯୁକ୍ତ । ଏହିପରି ଭାବେ ସେମାନେ ନିଜର ଜୀବନ ପଥରେ ଅଗ୍ରସରଥିଲେ । ଦୁହେଁ ପରସ୍ପର ସହ ପ୍ରତିଦିନ କଥା ହେଉଥିଲେ । କିନ୍ତୁ କେବେବି ପୁଅଟି ଝିଅପ୍ରତି ଥିବା ଭଲପାଇବା ଗଭୀର ଭାବେ ପରିପ୍ରକାଶ କରିପାରେନି କାରଣ ସେ ପ୍ରଥମ ପ୍ରେମ ହରାଇଛି ଏବଂ ସେ କେବେବି ଚାହୁଁନଥିଲା ଏ ସୁନ୍ଦର ପ୍ରେମ ପାଇଁ ସେ ପୁନର୍ବାର ସେ କଷ୍ଟର ସାମ୍ନା କରୁ କି ସେ ଝିଅ ମଧ୍ୟ ଏ କଷ୍ଟର ସାମ୍ନା କରୁ । ତେଣୁ ସେ ନିଜର ପ୍ରେମକୁ ନିଜ ମନଭିତରେ ହିଁ ବନ୍ଦକରି ରଖିଥିଲା  ଏବଂ ଏପରି ଏକ ସମୟ ଉପସ୍ଥିତ ହେଲା ଦୁହିଁଙ୍କ ବିଚ୍ଛିନ୍ନ ହେବାର ଘଟଣା ଚର୍ତୁଃଦିଗରେ କମ୍ପିତ ହେଲା । ଝିଅଟି ସେ ବିଛିନ୍ନତାର ଘଟଣାରେ ଅଧିର ହୋଇପଡୁଥିଲା । କାରଣ ସେ ପୁଅ ବିନା

କେମିତି ବଞ୍ଚିବ' ଭାବି ଚର୍ତୁଃଦିଗ ତାକୁ ଅନ୍ଧାକାରମୟ ଲାଗୁଥିଲା । ଏସବୁ ଭିତରେ ତାର ପୂର୍ବସ୍ମୃତିସବୁ ତା ଆଖିରେ ନାଚି ଉଠୁଥିଲା । ସେ କିପରି ସେ ପୁଅକୁ ଭଲପାଉଥିଲା ଏବଂ ଭଲପାଇବା ପାଇଁ କ'ଣ ସବୁ କରିଥିଲା ଏବଂ ଦୁହିଁଙ୍କର ସେହି ମଧୁର ସମୟ ତାକୁ ତାର ବିବ୍ରତ ମନରେ ଶାନ୍ତି ପ୍ରଦାନ କରୁଥିଲା । ସେ ସେହି ସ୍ମୃତିକୁ କେବେ ମନରୁ ଲିଭିବାକୁ ଦବନି । ସେ ଚିରପ୍ରତିଜ୍ଞାବଦ୍ଧ ଥିଲା । ସେ ଭଲପାଉଥିବା ପୁଅ ବିନା ବଞ୍ଚି ପାରିବ କିନ୍ତୁ ସେ ପୁଅର ଭଲପାଇବା ବିନା ନୁହେଁ ଏବଂ ଯାହା ସେ ପୁଅଟି ତାକୁ ଦେଇସାରଚି । ଅନ୍ୟପଟେ ପୁଅଟି ମଧ ବିଛିନ୍ନକୁ ହଠାତ୍ ନିଜର କରିପାରି ନଥିଲା । କାରଣ ସେ ଝିଅଟି ତା ଭଲପାଇବାର ଶକ୍ତିରେ ତାର ହୃଦୟର କୌଣସି ଏକ କୋଣକୁ ଜିଣିସାରିଥିଲା । କିନ୍ତୁ ପୁଅଟି ଉଭୟ ପରିବାରକୁ ଦେଖି ଏବଂ ସେ ଝିଅର ଖୁସି ପାଇଁ ଝିଅଟିକୁ ଛାଡ଼ିବାକୁ ପ୍ରସ୍ତୁତ ହୋଇଗଲା କିନ୍ତୁ ସେ ବି ନିଶ୍ଚିତ ଥିଲା ଜୀବନର ଶେଷ ମୂହୁର୍ତ୍ତ ପର୍ଯ୍ୟନ୍ତ ସେ ଝିଅଟିର ନିର୍ଲୋଭ ପ୍ରେମକୁ ଭୁଲିପାରିବନି, ଏହିପରି ଭାବରେ ଦୁହିଁଙ୍କ ମଧୁର ପ୍ରେମର ଯନ୍ତ୍ରଣାଦାୟକ ଅନ୍ତ ହେଲା ।

କିନ୍ତୁ ଝିଅଟି ଭାବିଲା " ଇଏ ଅନ୍ତ ନୁହେଁ, ଏଇତ ପ୍ରେମର ଆରମ୍ଭ" କାରଣ ବିଛିନ୍ନ ପରେ ମଧ ଭଲପାଇବାକୁ ମନରେ ରଖି ଆଗକୁ ବଢ଼ିବା ହିଁ ପ୍ରେମର ଆରମ୍ଭ । ଏ ପ୍ରେମ ସଫଳ ପ୍ରେମ କାହାଣୀ ହୋଇନପାରେ କିନ୍ତୁ ପ୍ରେମର ପ୍ରକୃତ ପଥକୁ ଚରିତାର୍ଥ କରୁଅଛି । ଉଭୟ ଉଭୟଙ୍କଠୁ ଦୁରେଇ ଯାଇଛନ୍ତି କିନ୍ତୁ ତାଙ୍କର ପ୍ରେମ ଅଧିକ ନିକଟତର ହୋଇଯାଇଛି । ଏହି କାହାଣୀ ପାଠକ ପାଠିକାମାନଙ୍କୁ ସୁଖ ପ୍ରଦାନ କରିନପାରେ କିନ୍ତୁ ଆଜିର ଦୁନିଆରେ ପ୍ରେମର ପ୍ରକୃତ ଅର୍ଥକୁ ଯଥାର୍ଥ୍ୟ ପ୍ରଦାନ କରିପାରିବ । କାରଣ ଏପରି ପ୍ରେମର ଅନ୍ତ କେବେ ହୋଇନପାରେ । ଏ ପ୍ରେମ ଅମର ହୋଇ ରହିବ ଦୁହିଁଙ୍କ ମନ ଭିତରେ । ଝିଅଟିର ମନରେ ତା'ର ପ୍ରେମିକ ଠୁ ଦୁରେଇବାର କଷ୍ଟ ଥାଏ । କିନ୍ତୁ ସେ ପ୍ରତିଜ୍ଞାବଦ୍ଧ ଥିଲା ତାକୁ ଜୀବନରେ ଆଗକୁ ବଢ଼ିବାକୁ ହେବ, ନିଜ ପାଇଁ କିଛି କରିବାକୁ ହେବ । କାରଣ ଏହା ହିଁ ସେ ପୁଅର ଇଛାଥିଲା । ସେ ପୂର୍ବରୁ ମଧ ପୁଅର ଖୁସି ନିମନ୍ତେ ସବୁ କରୁଥିଲା । ସେହିସମୟରେ ଆଶା ରଖିଥିଲା ପୁଅର ପ୍ରେମ ଟିକକ ପାଇବ ଏବଂ ଏବେ ମଧ ସେ ପୁଅର ଖୁସି ପାଇଁ ତା ଠାରୁ ଦୂରେଇ ଯିବ ଓ ଆଶା ରଖିବ ଏ ପ୍ରେମଏହିପରି ତା ମନରେ ଚିରଦିନ ପାଇଁ ରହୁ । ଝିଅଟି ଜାଣିଥିଲା ଆଗର ଜୀବନରେ ହୁଏତ, ଦୁହେଁ ଆଉ ପରସ୍ପରକୁ ଦେଖିପାରିବେନି କିନ୍ତୁ ପ୍ରତିଦିନ ରାତିରେ ସେ ପୁଅ ତାର ଭାବନାରେ ଆସି ତା ଭଲପାଇବାକୁ ପ୍ରତିଦିନ ଜାଗ୍ରତ କରିଦେବ । ଝିଅଟି ମନେ ମନେ ଭାବିନେଇଥିଲା ଜୀବନରେ ହଜାର ଭଲପାଇବା ମିଳୁପଛେ ତା ସ୍ଥାନ କେହି ନେଇପାରିବେନି । କାରଣ ଜଣଙ୍କଠୁ ଦୂରେଇଗଲେ ଜୀବନ ସରିଯାଏନି କିନ୍ତୁ ହଜାର ଜଣ ମିଳି ଗଲେବି ସେହି ଜଣଙ୍କର ଉପସ୍ଥିତି ଭୁଲି ହୁଏନି । ସେ ବି ମନରେ ଭାବିନେଇଚି ଏମିତି ପୁଅଟିକୁ ତାର ଶେଷ ମୂହୁର୍ତ୍ତ ପର୍ଯ୍ୟନ୍ତ ଭଲପାଉଥିବ । ଏବଂ ଭଗବାନଙ୍କୁ ଡାକୁଥିବ ଏ ଜନ୍ମରେ ନହେଲା ନାହିଁ ଯଦି ପୁର୍ନଜନ୍ମ ଥାଏ ତେବେ ନିଶ୍ଚୟ ଆର ଜନ୍ମରେ ପୁଣି ଥରେ ତାର ପ୍ରେମିକା ବନେଇ ଦିଅ । କାରଣ ସେ ସେହି ସମୟ ପର୍ଯ୍ୟନ୍ତ ହାରିବନି ଯେଉଁ ପର୍ଯ୍ୟନ୍ତ ନିଜେ ଭଗବାନ ତାର ପ୍ରେମ ପାଖରେ ହାରି ନାହାଁନ୍ତି ।

ପ୍ରକୃତରେ ଏ ଭଲପାଇବାରେ ହୁଏତ ସୁଖ ନାହିଁ କିନ୍ତୁ ଆତ୍ମତୃପ୍ତି ଅଛି । ଯାହା ପାଠକ ପାଠିକାଙ୍କ ମନରେ ଆଜିର ଏ ସ୍ୱାର୍ଥ ଜର୍ଜରିତ ଦୁନିଆ ମଧରେ ଏମିତିବି ଏକ ପ୍ରେମ ଅଛି ଯାହା ସ୍ୱର୍ଗୀୟ, ଏହାର ଉକ୍ତି ଯଥାର୍ଥ ଭାବେ ପ୍ରତିପାଦିତ କରିବ । ଏହା ନିଃସନ୍ଦେହ ।

" ସ୍ଥୂଳକଳେବର ନୁହଇ ଅମର
ଅମର କେବଳ ମନ,
ମନଯଦି ସଙ୍ଗ ହୋଇନାହିଁ ଭଙ୍ଗ
ସେହି ସୁଖ ସୁଖେ ଗଣ୍ୟ ।"

(ତପସ୍ୱିନୀ, ଗଙ୍ଗାଧର ମେହେର)

ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, କଟକ

# ପାଗଳ

ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର

କାମନା ମଣିଷକୁ ଆତ୍ମବିଭୋର କରାଏ । ସୁଖର କୁଞ୍ଜବନ ମଧ୍ୟରେ ଅମରାବତୀର ସପ୍ନଦେଖାଏ । ବାସନାରେ ଆହ୍ଲାଦିତ ହୋଇ ମଣିଷ ଅହର୍ନିଶି ମଧୁକୁଞ୍ଜମାନ ଗଢ଼େ, ସପ୍ନରେ ବିଭୋର ହୁଏ । ମାୟା ମୋହ ଭିତରେ ଆତ୍ମତୃପ୍ତି ଅନୁଭବକରେ । ଯାହା କ୍ଷଣିକ ଜାଣି ମଧ୍ୟ ମଣିଷ କାମନା ବାସନା ମୋହ ମାୟା ମଧ୍ୟରେ ଆତ୍ମ ନିମଗ୍ନ ହେବାକୁ ଭାରି ଭଲ ପାଏ । କିନ୍ତୁ ମନଭିତରୁ ଥରେ ଯଦି ଏହି କାମନା ବାସନା ଅପସରି ଯାଏ ତା'ର ମନ ଚଞ୍ଚଳ ନହୋଇ ହୁଏ ସ୍ଥିର । ସପ୍ନରେ ବିଭୋର ନହୋଇ ହୁଏ ଶାନ୍ତ । ସବୁଗୁଡିକ ତା ପାଇଁ ସ୍ଥିର, ସମାନ, ଅଚଞ୍ଚଳ , ଶାନ୍ତ, ସ୍ନିଗ୍ଧସରଳ ପରି ମନେ ହୁଏ । ନିଜକୁ ନିଜେ ଜାଣିବାର ଶକ୍ତି ମଧ୍ୟ ଯଦି ମଣିଷ ହରାଇ ବସେ ସେ ମଧ୍ୟ ଶାନ୍ତ, ସ୍ନିଗ୍ଧ, ସରଳ ଚରିତ୍ରଟିଏ ହୋଇଯାଏ । ନା ମନରେ ଥାଏ ଅହଙ୍କାର ନା ବିକାର ।

ଛାତ ଉପରେ ବସି ପ୍ରକୃତିର ରୂପଲାବଣ୍ୟକୁ ଉପଭୋଗ କରୁଛନ୍ତି ବିଚିତ୍ରାନନ୍ଦ ବାବୁ । ଫୁଲ କୁଣ୍ଡରେ ଫୁଟିଥିବା ଫୁଲ ଗୁଡ଼ିକ ପବନର ମନ୍ଦ ମନ୍ଦ ସ୍ପର୍ଶରେ ଦୋଳାୟିତ ସେମାନେ । ପାଦରେ ବନ୍ଧନ ଅଛି କାରଣ କୁଣ୍ଡର ସୀମିତ ପରିବେଷ୍ଟିନୀରେ ବାନ୍ଧିହୋଇଛନ୍ତି ତଥାପି ମନରେ ଉତ୍ଫୁଲିତ ଭାବ । ଫୁଲ କୁଣ୍ଡରେ ଫୁଟିଥିବା ଲାଲକୁଳୀ ଗୋଲାପ ଉପରୁ ଆଖି ଫେରାଇ ନେଲାବେଳେ ଆଖି ପଡିଲା ଖୋଲା ରାସ୍ତାରେ ଦୋଛକି ଉପରେ ବସିଛି ପାଗଳଟିଏ । ପରିତ୍ୟକ୍ତ ପୋଷାକ, ଅପରିଷ୍କାରର ଦାଗ, ଉପରେ ଆସନା ଚିରା ସାର୍ଟଟିଏ ଦେହରେ ଅପରିଷ୍କାର ଘୋଡଣୀ, ବାଳଗୁଡ଼ିକ ଲମ୍ବା ଲମ୍ବା, ହାତ ଗୋଡ଼ ଓ ସମଗ୍ର ଶରୀରଟି ଅପରିଷ୍କାରରେ ଆଚ୍ଛାଦିତ । ସମଗ୍ର ଶରୀରରେ ରହିଛି ଅସ୍ୱାଭାବିକତା କିନ୍ତୁ ପାଗଳର ମନଟା ପୁରା ଶାନ୍ତ ନା ଅଛି ଅହଙ୍କାର ନା ବିକାର । ନିର୍ବିକାର ଭାବେ କୁକୁରଟି ଡ୍ରେନ୍ କଢ଼ରେ ପଡିଥିବା ଖାଦ୍ୟ ଗୁଡ଼ିକୁ ଖାଉଥିବା ବେଳେ ପାଗଳ ମଧ୍ୟ ତା' ଠାରୁ ବଳିଥିବା ସେହି ଖାଦ୍ୟ ଗୁଡ଼ିକୁ ଖାଇ ଲାଗିଛି ମହାତୃପ୍ତିରେ । ମୁଁ ଅନୁଭବ କରୁଥାଏ, ଯେଉଁ ଆତ୍ମତୃପ୍ତି ମୁଁ ପାଇପାରୁନି ଫୁଲଦାନୀ ସଜାହୋଇଥିବା ଡାଇନିଙ୍ଗ୍ ଟେବୁଲ୍ ଉପରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ସବୁ ଖାଇବା ଭିତରେ କିନ୍ତୁ କୁକୁର ସାଥିରେ ଡ୍ରେନ୍ କଡରୁ ଆବର୍ଜନା ଭିତରେ ପରିତ୍ୟକ୍ତ ଖାଦ୍ୟଗୁଡ଼ିକୁ ଖାଇବାରେ ବେଶ୍ ଶାନ୍ତି ଅନୁଭବ କରୁଥିଲା ପାଗଳଟି । ତାର ମୁଖମଣ୍ଡଳରୁ ହସ ଟିକକରୁ ତାର ଆତ୍ମତୃପ୍ତି ବେଶ୍ ଅନୁଭବ କରିହେଉଥିଲା । ସତେ ଯେମିତି ମୁଁ ଅନୁଭବ କରୁଥିଲି ସବୁ ଦୁଃଖ, ପରିତାପର ବହୁ ଉର୍ଦ୍ଧ୍ୱରେ ଏ ପାଗଳଟି ଏପରି ବିଚିତ୍ର ଘଟଣାକୁ ଦେଖି ମୁଁ ଛାତଉପରୁ ଓହ୍ଲାଇ ପାଗଳ ପାଖକୁ ଯିବାର ପ୍ରୟାସ କଲି । କୁକୁର ଓ ସେ ପାଗଳଟି ପରସ୍ପର ଅତି ପରିଚିତ ପରି ଖାଉଛନ୍ତି ଗୋଟିଏ ଡଷ୍ଟବିନ୍ ଭିତରୁ ସତେଯେମିତି ବହୁତ ଦିନର ବନ୍ଧୁତା ତାଙ୍କର । ଏପରି ବନ୍ଧୁତା ଦେଖି ମୋତେ ଲାଗିଲା ସତରେ ନିଜକୁ ଯେତେବେଳେ ମଣିଷ ଭୁଲିଯିବ ସେ ସମସ୍ତଙ୍କୁ ସମାନତା ଦେଖି ଯାହା ଶାସ୍ତ୍ରପୁରାଣରେ କୁହାଯାଇଛି "ସର୍ବବ୍ରହ୍ମ ମୟ" ଅର୍ଥାତ୍ ସବୁ ଆଜେ ବ୍ରହ୍ମମୟ । ଆମ୍ଭେ ଏହାକୁ ଉପଲବ୍ଧି କରିପାରୁନୁ କିନ୍ତୁ ହାୟ ଏ ପାଗଳଟି ତାର ଓ କୁକୁର ଭିତରେ ଥିବା ପାର୍ଥକ୍ୟକୁ ଜାଣିପାରୁନି ଯେଉଁଥିପାଇଁ ତା ଭିତରେ କିଛି ବିକାର ହିଁ ନାହିଁ । ସତେଯେମିତି କୁକୁର, ପରିତ୍ୟକ୍ତ ଖାଦ୍ୟ ପଦାର୍ଥ, ଅପରିଷ୍କାର ଅପରିଛନ୍ନତା ସବୁକିଛି ଭିତରେ ସେ ବେଶ୍ ଖୁସି ଥିବା ଅନୁଭବ କରିପାରୁଥିଲି ମୁଁ । ଅତିନିକଟତର ହୋଇ ଯେତେବେଳେ ସେ ପାଗଳ ପାଖକୁ ଗଲି ନିଜକୁ ନିଜେ ବିଶ୍ୱାସ କରିପାରିଲିନି ମୁଁ, ସେ ପାଗଳ ଆଉ କେହି ନୁହେଁ ସେ ମୋର ବହୁଦିନର ପୁରୁଣା ବନ୍ଧୁ ଅସୀମାନନ୍ଦ । ନିଜକୁ ନିଜେ ସମ୍ଭାଳି ପାରିଲିନି ମୁଁ ।

ମୋର ପିଲାଦିନର ସାଥୀ ଅସୀମାନନ୍ଦ । ସାଙ୍ଗହୋଇ ଗାଁ ସ୍କୁଲରେ ପାଠପଢ଼ୁଥିଲୁ ସବୁବେଳେ ଆନନ୍ଦିତ ତାର ମୁଖ ମଣ୍ଡଳ । ବିଦ୍ୟାଳୟରେ ଭଲଛାତ୍ର ଭାବେ ତାର ବେଶ୍ ନାଁ ଥିଲା । ପାଠପଢ଼ା ସହିତ ଅନ୍ୟସବୁ ଦିଗରେ ସିଦ୍ଧହସ୍ତ ଥିଲା ସେ । ସେଥିପାଇଁ ସବୁ ଶିକ୍ଷକ

ଶିକ୍ଷୟିତ୍ରୀ ଙ୍କର ଆଦରର ପାତ୍ର ଥିଲା । ଏକା ସଙ୍ଗେ ମାଟ୍ରିକ୍ ପାସ କରି କଲେଜରେ ବିଏ ପାସ କରି ମୁଁ ହେଲି ଶିକ୍ଷକ ସେ ହେଲା ଓଡ଼ିଶା ସରକାରଙ୍କର ଦପ୍ତରର ଏକ କିରାନୀ । ଯା ଭିତରେ ବହୁତ ଦିନ ବିତିଗଲାଣି ମୋର ଆଉ ତା ସହିତ ସମ୍ପର୍କ ହିଁ ନାହିଁ କାରଣ ସଂସାରଟା ହିଁ ସେୟା ପୁରୁଣା ସମ୍ପର୍କ ଗୁଡ଼ିକ ଆସ୍ତେ ଆସ୍ତେ ଛିଣ୍ଡିଯାଏ ଓ ନୂଆ ସଂପର୍କ ବାନ୍ଧି ହୋଇଯାଏ ଆପେ ଆପେ । ପିଲାଦିନର ସେ ଆନନ୍ଦିତ ମୁଖ ମଣ୍ଡଳଟା ଆଜି ମଧ୍ୟ ଦେଖି ଆନନ୍ଦିତ ଦେଖାଯାଉଛି । ଖାଲି ଫରକ ଏତିକି ସେଦିନ ସେ ଅସୀମ ଆନନ୍ଦକୁ ଉପଭୋଗ କରୁଥିଲା ତାର ପାରଙ୍ଗମତା ଭିତରେ ଆଜି କିନ୍ତୁ ନିଜକୁ ସମ୍ପୂର୍ଣ୍ଣ ଭୁଲିଯାଇଥିବା ପାଗଳଟିର ଆନନ୍ଦ ଅନୁଭବ କରୁଛି ଅହଂକାର ଓ ବିକାରଠୁ ଦୂରରେ ଥାଇ । ଚାକିରୀଜୀବନଠୁ ତାପରେ ଥରେ ମାତ୍ର ସାକ୍ଷାତ ହୋଇଥିଲା ତା'ର ମୋ ସାଥୀରେ । ଅଳ୍ପ ସମୟ ହେଲେ ମଧ୍ୟ ତା ଜୀବନର ତିକ୍ତ ଅନୁଭୂତିଗୁଡ଼ିକୁ ଏକ ନିଃଶ୍ୱାସରେ କହି ପକାଇଥିଲା ସେ । ତାର କଥାରୁ ମୁଁ ସେଦିନ ଜାଣିଥିଲି ସୁଖରେ ନଥିଲା ସେ । ସ୍ତ୍ରୀର ମୃତ୍ୟୁପରେ ପୁଅ ବୋହୂ ଅଣଦେଖା କରୁଥିଲେ ତାକୁ । ସଂସାରର ସମ୍ପର୍କ ସୂତା ଖିଅଟା ଛିଣ୍ଡିଯାଇ ଥିଲା ତା ପାଇଁ । ବିଷର୍ଣ୍ଣ ବଦନରେ କାନ୍ଦି କାନ୍ଦି ସେ ଦିନ ସବୁ ଦୁଃଖ କଥାଗୁଡ଼ିକ କହି ପକାଇଥିଲା । ଜୀବନଟା ହିଁ ସୁଖ ଦୁଃଖର ପୃଷ୍ଠା ସମ୍ବଳିତ ପୁସ୍ତକ । ବହିର ପୃଷ୍ଠାକୁ ଲେଉଟାଇବାକୁ ହୁଏ କିନ୍ତୁ ଜୀବନର ପୃଷ୍ଠା ଆପେ ଆପେ ଲେଉଟିଯାଏ । ସେହିଦିନ ତାର ଦୁଃଖ କଥାଗୁଡ଼ିକ ଶୁଣିବା ପରଠାରୁ ମୁଁ ଚାଲି ଆସିଥିଲି ବହୁତ ଦୂରକୁ । ଯା ଭିତରେ ପ୍ରାୟ ଦଶବର୍ଷ ବିତିଗଲାଣି ଆଉ ଦେଖା ହୋଇନି ତା ସହିତ । ଆଜି ଦେଖୁଛି ସେଦିନର ଦୁଃଖରେ ଭାଙ୍ଗିପଡିଥିବା ସେହି ବିଷର୍ଣ୍ଣ ବଦନର ଅସୀମାନନ୍ଦ ସତେ ଯେମିତି ପୁଣି ତାର ପୂର୍ବ ଆନନ୍ଦକୁ ଫେରି ପାଇଛି । କାନ୍ଦି କାନ୍ଦି ବିଭୋର ହୋଇଯାଉଥିଲା ସେଦିନ ଧିକ୍ ଏ ସଂସାର । ଯେଉଁମାନଙ୍କୁ ହାତରେ ଗଢ଼ି ମଣିଷ କଲି, ନିଜ ରକ୍ତରୁ ଗଢ଼ିଲି, ନିଜ ଖାଇବାରୁ ଖାଇବା ଦେଇ ଉପାସ ରହିଲି, ନିଜେ ଛିଣ୍ଡା ଚିରା ପିନ୍ଧି ତାଙ୍କୁ ଭଲ ପିନ୍ଧେଇଲି, ପେଟରେ ଭୋକ ମାରି ତାଙ୍କର ପାଠପଢ଼ା ସବୁ ବହନ କରି ଆଜି ସେହିମାନଙ୍କ ପାଖରେ ତାଙ୍କୁ ଗର୍ଭିଥିବା ମଣିଷଟି ଏତେ ଅଦରକାରୀ ହୋଇ ପଡ଼ିଛି ଯେ ତାଙ୍କୁ ଖାଇବାକୁ ଦେବା ମଧ୍ୟ ସେମାନଙ୍କ ପାଇଁ ଅଦରକାରୀ ହୋଇ ଯାଇଛି । ଏ ହେଉଛି ଦୁନିଆ । ଅନ୍ୟକୁ ଦେଉଥିବା ପର୍ଯ୍ୟନ୍ତ ସମ୍ପର୍କ ଟା ଅତୁଟଥାଏ କିନ୍ତୁ ସମ୍ପର୍କର ବାନ୍ଧି ହୋଇଥିବା ଲୋକଟାକୁ ଯେତେବେଳେ ପ୍ରତିଦିନରେ କିଛି ଦେବାକୁ ପଡେ ସେତେବେଳେ ସୂକ୍ଷ୍ମ ଖିଅଟା ଛିଣ୍ଡିଯାଏ ।



ଦଶବର୍ଷ ତଳେ ସେ ବିଷର୍ଣ୍ଣ ସୁତାଟା ଆଜିପୁଣି ଫେରି ପାଇଛି ସେ ଅନନ୍ଦକୁ । ଦୁଃଖରେ ଭାଙ୍ଗି ପଡିଥିବା ସେଇ ମଣିଷଟି ସତେ ଯେମିତି ଆଜି ପୁଣି ମନଖୋଲା ହସୁଛି । ହସିବାରେ ନାହିଁ ବନ୍ଧନ, ଗୋଡରେ ନାହିଁ ସଂସାରର ବେଡି, ପିଠି ଉପରେ ନାହିଁ ସମ୍ପର୍କର କୋରଡା, ମନଟା ସତେଯେମିତି ସେ ଚିଦାକାଶ ତଳେ ଚିଦାନନ୍ଦ ପର୍ଦାବିନ୍ଦରେ ଲିପ୍ତ ହୋଇଯାଇଛି ଯେଉଁଠି ନାହିଁ ମୁଁ କାର ବା ଅହଂକାର କି ନାହିଁ ଭିନ୍ନତା ବୋଧର ବିକାର ।

ଅଧ୍ୟାପିକା, ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ, ନୟାଗଡ଼

# ଅସପନ ବଣିକ : ନଳିଆ

ଡ.ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ

ଆଖିରେ ଚମକ ନାହିଁ, ସପନ ନାହିଁ । ଶେତା ଶେତା ମୁହଁରେ ଭିତରକୁ ପଶିଯାଇଥିବା ଆଖି ଦୁଇଟି ପେଢୁଆ ପେଢୁଆ । ଦେହ ତ ନୁହଁ ଯେମିତି ବିଜ୍ଞାନାଗାରରେ ଝୁଲୁଥିବା କଙ୍କାଳଟେ ଆସି ଲୋକଗହଳିରେ ବୁଲାଚଲା କରୁଛି । ହଁ ଦେହ ଉପରେ ଚର୍ମଟା ହିଁ ଢ଼ାଙ୍କି ହୋଇଛି କେବଳ । ପେଟରେ ସବୁବେଳେ ଭୋକ । ହେଲେ ଅନେକ ସମୟରେ ଭୋକକୁ ଭୁଲାଇବା ପାଇଁ ଶୋଷକୁ ନିଜରକରିବାକୁ ପଡେ । ମାନେ ଭୋକ ହେଲାତ ନଳକୂଅ ପାଖକୁ ଯାଇ ଢ଼କ୍ ଢ଼କ୍ ପେଟ ପୂରିବା ଯାଏଁ ପାଣି ପି' ପକାଏ । କେବେ କେମିତି ପେଟ ପୂରିଗଲା ତ ଓଃ.... କି, ଶାନ୍ତି । ବାସ୍..... ଏଇଠି ହିଁ ଜୀବନର ସବୁ ଆଗତ ଭବିଷ୍ୟତର ପରିସମାପ୍ତି ।

ଏତେ କଥା ଯେଉଁ ଲୋକ ବିଷୟରେ, ସେ ରହେ ନିହାତି ଏକ ମଫସଲ ଗାଁ ରେ । ଗାଁ ରେ ତା'ର କେହି ନାହିଁ କି ତା'ର ନିଜସ୍ୱ ବୋଲି କିଛି ନାହିଁ । ଯେମିତି ତା'ର ଭବିଷ୍ୟତ କ'ଣ ତାକୁ ଜଣା ନାହିଁ ସେମିତି ଅତୀତକୁ ମଧ୍ୟ ସେ ଯେମିତି ଜାଣିଶୁଣି ପାସୋରି ଦେବାକୁ ଚାହିଁଛି । କାହାକୁ କିଛି କହେନି । ହଁ, ଜାଣିବା ଶୁଣିବା ଗାଁ ଲୋକେ କହନ୍ତି - ଏ ଲୋକ ଅନେଶତ ବାତ୍ୟା ପରେ ପରେ ଏ ଗାଁ କୁ ଆସିଥିଲା । ଏକୁଟିଆ, ଖୁବ୍ କମ୍ ବୟସର ବଳଟେ ପିଲା ଭାବରେ । ଆଜି ସେ ଲୋକଟେ ହେଲାଣି ।

"ଏ ନଳିଆ, ଆ' ଖେତକୁ ଯିବା ।" ଗାଁର ଜଣେ ଥିଲାବାଲା ଲୋକ ସୁରେଶ ଡାକିଲା । "ହଁ, ଯାଉଛି ।" ନଳିଆକୁ ଗାଁର ଯାହାର ଯେଉଁ କାମ ଥିବ, ସେହି ସମୟରେ ହିଁ ଡାକିନିଅନ୍ତି । କିନ୍ତୁ ନଳିଆର ବଳବପୁକୁ ଦେଖି ତା'ଠୁ ଯେ କିଛି ବେଶୀ କାମ ଆଦାୟ କରିହେବ, ଏ ଆଶା ସେମାନଙ୍କଠି ନଥାଏ । ନଳିଆ କିନ୍ତୁ ଖୁବ୍ ମନ ଲଗାଇ କାମ କରେ । ଝାଳନାଳ ହୋଇ ନିଜର ସବୁ ବଳକୁ ଖଟାଏ । ଯାହା ଖେତରେ କାମ କରେ ସେମାନେ ହିଁ ଯେତିକି ଦିଅନ୍ତି ତାକୁ ହିଁ ଖାଇନିଏ ଓ ଆସି ଗାଁ ଭାଗବତ ଟୁଙ୍ଗୀର ବାରଣ୍ଡା କୋଣରେ ନିଘୋଡ ନିଦରେ ଶୋଇପଡେ ।

ନଳିଆକୁ କେବେ କେମିତି କିଏ ଦୁଇ-ଚାରିଖଣ୍ଡ ପୁରୁଣା ଲୁଗା ଦେଇ ଦିଅନ୍ତି ତ କିଏ କିଏ ଦୁଇ-ଚାରି ଟଙ୍କା ଧରାଇ ଦିଅନ୍ତି । କିଏ ମୁଢ଼ି ମୁଠେ, ବିସ୍କୁଟ ଦୁଇ-ଚାରିଟା, ଚଣା ମୁଠେ, ବାସି ଚକୁଳି ପିଠା ଖଣ୍ଡେ ବଢ଼େଇ ଦେଇ ଥାନ୍ତି ହାତକୁ । ନଳିଆ ତା'ବଦଳରେ ବୋଲହାକ କରି ଦି'ଚାରିଟା କାମ ବି ନଳିଆ ଠାରୁ ଆଦାୟ କରିନିଅନ୍ତି ।

ଗାଁରେ ପୁନେଇପରବ ବେଳେ ନଳିଆକୁ ଖୁବ୍ ଖାଇବାକୁ ମିଳେ । ମଣ୍ଡା, ହଳଦିପତ୍ର ପିଠା, ଆରିସାରେ ତା'ର ଗାମୁଛା ଯେମିତି ଭରିଯାଏ । ତିନି ଦିନ ଯାଏଁ ସେଇ ପିଠାକୁ ଖାଏ ।

ନଳିଆ କେବେ ବି ପରିଶ୍ରମକୁ ଡରେ ନାହିଁ । କାହା ଆଗରେ ହାତ ପତାଏ ନାହିଁ । କାହା ଆଗରେ ହାରିଗୁହାରୀ କରେ ନାହିଁ । କାହା ପାଦକୁ ଧରି କାକୁତି ମିନତି ହୁଏ ନାହିଁ କି କାହା ପାଖରୁ କିଛି ଚୋରି କରି ଆଣେ ନାହିଁ । ହକ୍ କାମକରେ– ଯାହା ବି ମିଳେ ତାକୁ ଖାଇ ଦିନଟେ ବିତାଇ ଦିଏ ।

ନଳିଆର କାହା ଉପରେ କିଛି ଅଭିଯୋଗ ନାହିଁ । ତା' ଉପରେ ବି କାହାରି କିଛି ଆଶା ନାହିଁ । ଜୀବନଟେ କେଡେ ସୁରୁଖୁରୁରେ ଚଳେ । ବିନା ସପ୍ନରେ, ବିନା ଆକାଂକ୍ଷାରେ ଜୀବନଟେ ଯେମିତି ଆଗକୁ ଆଗକୁ ଠେଲି ହୋଇ ଯାଉଥାଏ ।

ନଳିଆ କେବେ ମୁହଁ ଶୁଖାଇ ବସିଥିବାର ଗାଁର କେହି ଦେଖିନାହାନ୍ତି । ସବୁବେଳେ କିଛି ନା କିଛି ଗୁଣୁଗୁଣାଉଥାଏ। ସମସ୍ତଙ୍କ ସହ ହସି ହସି କଥା କୁହେ । ସମସ୍ତଙ୍କ ବୋଲହାକ ମାନେ । ଯିଏ ଯାହା ଦେଲେ ଖୁସି ମନରେ ତାକୁ ଗ୍ରହଣ କରେ ।

ନଳିଆକୁ ଦେଖିଲେ ଗୋଟେ ପ୍ରକାର ଅଜବ ଲାଗେ । ଅଜବ ଏଇଥିପାଇଁ ଯେ ଏ ଲୋକର ଦୁଃଖ ଯଦି

ଗଣାଯିବ, ତା'ର ତ ହିସାବ ମିଳିବ ନାହିଁ । କିନ୍ତୁ ବେଳେ ବେଳ ଲାଗେ ନଳିଆ କେଉଁ ସୁଖରେ ଜୀବନ ଜିଉଁଛି ଯେ ! ତେଣୁ ତା ହାକୁଆ ମୁହଁରେ ଚିନ୍ତାର ସାମାନ୍ୟତମ ସୂଚନା ଦେଖିବାକୁ ମିଳେ ନାହିଁ ।

ନଳିଆ ଗାଁ ପିଲାମାନଙ୍କୁ ଖୁବ୍ ଭଲପାଏ । ତାଙ୍କ ସହ ଖେଳେ । ଖେଳେ ନାହିଁ, ବରଂ ତାଙ୍କ ଖେଳରେ ସାହାଯ୍ୟ କରେ । ଯେମିତି କ୍ରିକେଟ୍ ବଲ୍‌କୁ ଦୁର ଜାଗାରୁ ଗୋଟାଇ ଆଣେ । ଆଉଟ୍ ହୋଇଯାଇଥିବା ଫୁଟବଲ୍‌କୁ ଧଇଁସଇଁ ହୋଇ ଦଉଡ଼ି ଯାଇ ନେଇଆସେ । ପିଲାମାନେ ଦାଣ୍ଡରେ ଦୌଡ଼ାଦୌଡ଼ି କରୁଥିଲେ ସେ ଗୋଟେ ଜାଗାରେ ନିର୍ବାକ ଭଳି ଠିଆ ହୋଇ ଆରମ୍ଭ କି ଶେଷ ଚିହ୍ନ ପାଇଟେ ।

ନଳିଆ କଥାକୁ ଯେତେ ଭାବିଲେ ସେତେ ଆଶ୍ଚର୍ଯ୍ୟ ଲାଗେ । ଲାଗେ ଏ ଲୋକ ବଂଚିଛିତ, ସେ ପୁଣି ବେଶ୍ ହସ ଖୁସିରେ । ଘର ଦ୍ୱାର ନାହିଁ, ପଇସା ପତ୍ର ନାହିଁ, କିଛିବୋଲି ତ କିଛି ନାହିଁ ତା' ପାଖରେ । ଏକାନ୍ତ ନିଃସ୍ୱ । ହେଲେ ନଳିଆ ଖୁସିରେଥିବା ପରି ଗାଁର କେହି ତ ଲାଗନ୍ତି ନାହିଁ । ଏତେ ଏତେ ଜମିବାଡ଼ି, ଏତେ ଏତେ ଧନ ଦୌଲତ, ଏତେ ଏତେ ପଦପଦବୀରେ ଥିବା ଗାଁ ଲୋକ ତ ସବୁବେଳେ ଚିନ୍ତାର ଭାରରେ ଯେମିତି ବୋଝେଇ ହୋଇ ପଡିଥାନ୍ତି । ଧନ,ଦୌଲତ ସାଇତିବାରେ କିମ୍ବା ଧନ, ଦୌଲତ ବଢ଼ାଇବା ପାଇଁ କେତେ କେତେ ଧାଁ, ଧପଡ଼ କରୁଥାନ୍ତି । ଧନ,ଦୌଲତ ପାଇଁ ପିଟାମରା ବି ହୁଅନ୍ତି । ଚାକିରୀ-ବାକିରୀ ପାଇଁ ସେମାନେ କେଉଁ କେଉଁ ସ୍ତରକୁ ନ ଓହ୍ଲାନ୍ତି । ହେଲେ ନଳିଆର ହୋଲ୍ ନାହିଁ, ଢୋଲ୍ ନାହିଁ ।

ଦିନେ ନଳିଆକୁ ଜଣେ ଯାଇ ପଚାରୁ ପଚାରୁ ପଚାରି ଦେଲା -

"ନଳିଆ, ତୋର ମନରେ କ'ଣ କିଛି ସପ୍ନ ନାହିଁ ?"

ନଳିଆ ତା' ମୁହଁକୁ ବଲ ବଲ କରି ଅନାଇଲା ।

"ଆରେ ପଚାରୁଛି ପରା, ତୋର ଭବିଷ୍ୟତ ଆଶା, ଆକାଂକ୍ଷା ନାହିଁ ?"



ନଳଆ ତା' ମୁହକୁ ସେଇମତ ବଲବଲ କର ଅନାଇଲା ।

ଆରେ, ତୁ ଆଗକୁ କ'ଣ ହେବୁ ? ତୋର ଘରଦ୍ୱାର

ତୋର ସୁଖ, ସୁବିଧା, ତୋର ସପ୍ନ ?

ନଳିଆ ଏଥର ନ ହସି ରହି ପାରିଲା ନାହିଁ ।

ଫେଁକିନା ହସିଦେଲା, ହେଲେ ପ୍ରଶ୍ନ ପଚାରୁଥିବା

ଲୋକକୁ ଲାଗିଲା ଯେମିତି ନଳିଆ ହସୁନାହିଁ ତ

ତା' ଗାଲରେ ଠୋ' କିନା ଚାପୁଡ଼ା ଟେ ମାରିଦେଲା ।

ନଳିଆ ସେମିତି ହସି ହସି ଗୁଣୁଗୁଣାଇ ଗୁଣୁଗୁଣାଇ ସେଠାରୁ ଚାଲିଗଲା ।

ଅଧ୍ୟାପକ

ଖ୍ରୀଷ୍ଟ ମହାବିଦ୍ୟାଳୟ

କଟକ

# ଦୁର୍ବାର

ମମତା ଖଣ୍ଡାୟତ ରାୟ

ଶୀତୁଆ ସକାଳ । ଦେହକୁ ଜଗି ରହିଛି କମ୍ବଳ, ଭିତରେ ଉଷୁମ୍ , ବାହାରେ ଥଣ୍ଡା । ତଥାପି ଉଠିବାକୁ ହେବ କୁନାକୁ। କାହିଁକିନା ଡଙ୍ଗା ଭସାଇବ । ଓଡ଼ିଶାର ପ୍ରାଚୀନ ସଂସ୍କୃତିକୁ ମନେପକାଇବ । ଯେଉଁ ଦିନ ଓଡ଼ିଆ ସାଧବମାନେ ଏହି ମହାନଦୀ ବକ୍ଷରେ ନିଜର ବାଣିଜ୍ୟ ବ୍ୟବସାୟର ପ୍ରଥମ ଯାତ୍ରା ଆରମ୍ଭ କରିଥାନ୍ତି । ଛୋଟପିଲାଟା ବୟସ ଆଠ ବର୍ଷ । ପୂର୍ବରାତ୍ରିରେ ମା' ସହିତ ଜିଦି କରିଥିଲା । ଡଙ୍ଗା ଭସାଇବା ପାଇଁ । ଆଜି କିନ୍ତୁ ଶୋଇ ରହିଛି । ମା' ଡାକ ଦେଲେ -

- କୁନା ଉଠ୍ ! କେତେ ସମୟ ଶୋଇବୁ ଯେ ଡଙ୍ଗା ଭସାଇ ଯିବୁ ପରା । ଗଡ଼ଗଡ଼ିଆ ଘାଟକୁ ଯିବାପରା ।

କୁନା, ମା'ର ଡାକରେ କମ୍ବଳର ଉଷୁମ୍ ଛାଡ଼ି ଧଡ଼ପଡ ହୋଇ ଉଠିପଡିଲା । ମା' ସହିତ କୁନା ଚାଲିଲା ଡଙ୍ଗା ଭସାଇବାକୁ ଗଡ଼ଗଡ଼ିଆ ଘାଟକୁ, ଗଡ଼ଗଡ଼ିଆ ଘାଟର ଚାରିଆଡେ ଆବର୍ଜନା । କୁନାକୁ ଘୃଣା ଲାଗୁଥାଏ ।

- ମା' ! ମୋତେ ଏଠି ଭାରି ଅପରିଷ୍କାର ଲାଗୁଛି । ଛି ଛି ଏତେ ଅପରିଷ୍କାର ଏ ମହାନଦୀ ପାଣି ।

- ଏମିତି କହନା ! ନଦୀ ପରା ଆମର ମା ! ମା'କୁ କେ କ'ଣ ଅପରିଷ୍କାର କହେ ।

କୁନା ଏବଂ ତା'ର ମା'ର କଥାକୁ ଶୁଣୁଥାଏ ମହାନଦୀ । ମହାନଦୀ ମନରେ ଅନେକ ଦିନୁ ଦୁଃଖ ରହିଛି । କାହା ଆଗରେ କହିବାକୁ ସୁଯୋଗ ପାଉ ନଥିଲା । ଅନେକ ସମ୍ଭାଳି ଆସିଛି ତା'ର ସନ୍ତାନମାନଙ୍କର ଦାଉ ଧୋକ୍କା, କିନ୍ତୁ ଏବେ ତା' ପାଇଁ ଅସମ୍ଭାଳ । ଶେଷକୁ ମହାନଦୀ କହିଲା -

- କୁନା ! ତୁମେ ଯାହା କହୁଛ ଠିକ୍ । ମୁଁ ଅପରିଷ୍କାର, ମୁଁ ଘୃଣାର ପାତ୍ର । ମୋତେ ସମସ୍ତେ ଦେଖି ନାକଟେକନ୍ତି । କିନ୍ତୁ ମୋର ଏଭଳି କଦର୍ଯ୍ୟ ରୂପ ପାଇଁ ଦାୟୀ କିଏ ? ତୁମେ ଛୋଟ ପିଲା, ଜାଣି ପାରିବନି ।

- ମୁଁ ତ ଦେଖୁଛି ତୁମେ ଅପରିଷ୍କାର ।

- ହଁ, ତେବେ ଶୁଣ ମୋର ଦୁଃଖ ।

ମୁଁ ମଧ୍ୟପ୍ରଦେଶର ଅମରକଂଟକ ମାଳଭୂମିରୁ ବାହାରି ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାର ସରେଇପାଲି ଗ୍ରାମ ନିକଟରେ ଓଡ଼ିଶାରେ ପ୍ରବେଶ କରିଛି । ଓଡ଼ିଶାର ସମ୍ବଲପୁର, ବାଲାଙ୍ଗିର, ଫୁଲବାଣୀ, ଢେଙ୍କାନାଳ, ନୟାଗଡ଼, ପୁରୀ ଓ କଟକ ଜିଲ୍ଲାମାନଙ୍କରେ ପ୍ରବାହିତ ହୋଇ ଶେଷରେ ପାରାଦ୍ୱୀପ ନିକଟସ୍ଥ ବତୀଘରଠାରେ ବଙ୍ଗୋପସାଗରରେ ପଡିଛି । ମୋର ଦୈର୍ଘ୍ୟ ୮୫୮ କିଲୋମିଟର, ଅଙ୍ଗ, ଇବ୍ ଓ ତେଲନଦୀ ମୋର ଉପନଦୀ । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଁ ସଦାସର୍ବଦା ଚେଷ୍ଟିତ । ସମ୍ବଲପୁରର ହୀରାକୁଦ ଠାରେ ମୋର ଶଯ୍ୟାରେ ବନ୍ଧପକାଇ ଜଳକୁ ଅଟକାଇ ଶକ୍ତି ଉତ୍ପାଦନରେ ବ୍ୟବସ୍ଥା କରାଯାଇଛି । ଏହି ଯୋଜନା ଦ୍ୱାରା ଓଡ଼ିଶାର ୧୦ଲକ୍ଷ ହେକ୍ଟର ଜମି ଜଳସେଚିତ ହେଉଛି । ୨୭୦ ମେଗାୱାଟ୍ ଜଳବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇପାରୁଛି । ମୋର ଶାଖାନଦୀ ମଧ୍ୟରେ କାଠଯୋଡ଼ି, କୁଆଖାଇ, ବିରୂପା, ଦେବୀ, ଦୟା ଓ ଭାର୍ଗବୀ ପ୍ରଧାନ । ଓଡ଼ିଶାର ସଂସ୍କୃତି, ରାଜନୀତି, ଅର୍ଥନୀତି ଓ ସାମାଜିକ ଉତ୍‌ଥାନ ଓ ପତନ ସହିତ ମୁଁ ଜଡିତ । ଜୀବନ ସାରା ମୁଁ ମୋର ତୀରବାସୀମାନଙ୍କର ସେବା କରିଆସୁଛି । ମୋର ଜଳରେ ଉତ୍କଳ ଶସ୍ୟଶ୍ୟାମଳା ହୋଇପାରିଛି । କିନ୍ତୁ ମୋର ଜୀବନରେ ଅନେକ ଦୁଃଖ ଅଛି । ଖୋଜୁଥିଲି ସେହି ଦୁଃଖ ବଖାଣିବାକୁ ବନ୍ଧୁଟିଏ ।

ସଭ୍ୟ ମଣିଷ ମୋ ପାଇଁ ଅସଭ୍ୟ ହୋଇଉଠିଛି । ମୋର ନିର୍ମଳତାକୁ ନଷ୍ଟ କରିଚାଲିଛି । ମୃତ ବ୍ୟକ୍ତିମାନଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ ମୋ ଗର୍ଭରେ ନିକ୍ଷେପ କରୁଛି । ଅନେକ ସ୍ଥାନରେ ବାର୍ଷିକ ପ୍ରାୟ ହଜାର ହଜାର ଗୋରୁ ଗାଇ, ମଇଁଷି ଓ କୁକୁରଙ୍କର ଶବ ମୋ ଜଳ ମଧ୍ୟକୁ ନିକ୍ଷେପ କରାଯାଉଛି । ଯାହାଦ୍ୱାରା କି ମୁଁ ପଚାଗନ୍ଧରେ ସଢ଼ି ଯାଉଛି । ମୋତେ ଅଣନିଃଶ୍ୱାସୀ ଲାଗୁଛି । ଏତଦ୍ ବ୍ୟତୀତ ନିଜର ସାର୍ଥକୁ ସାକାର



ମୋ ଅବବାହିକାରୁ ପ୍ରଚୁର ପାଣି ବହିନେଉଛନ୍ତି । ଏବେ ଶୁଣିବାକୁ ପାଉଛି ପାରାଦ୍ୱୀପର ଇଣ୍ଡିଆନ୍ ଅଏଲ୍, ପୋସ୍କୋ ମୋ ପାଣି ନେବେ । ଏତଦ୍‌ବ୍ୟତୀତ ଡାଳଦଣ୍ଡା କେନାଲରୁ ଏସିଆନ କମ୍ପାନୀ ପାଣିନେବାର ବ୍ୟବସ୍ଥା କରାଯାଇଛି । ଯଦି କମ୍ପାନୀମାନେ ଏଭଳି ପାଣିନେବେ ତେବେ ସମୟ ଆସିବ ମୋ ଗର୍ଭ ଶୁଖିଯିବ । ଯାହାଦ୍ୱାରା କି ମୋ ଅବବାହିକାରେ ଶସ୍ୟଶ୍ୟାମଳା ଭୂମି ମରୁଭୂମି ପାଲଟିଯିବ । ଆଉଗୋଟିଏ ବଡ଼କଥା ହେଉଛି ପରିବେଶ ପ୍ରଦୂଷଣ ହେବାଦ୍ୱାରା ତାପର ପ୍ରଖରତା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ପୂର୍ବର ବୃଷ୍ଟିପାତ କମିବାକୁ ଲାଗିଲାଣି । କରିବା ନିମନ୍ତେ କଳକାରଖାନା ତିଆରି କରୁଛି । କଳାକାରଖାନାରୁ ନିର୍ଗତ ସମସ୍ତ ଆବର୍ଜନା ମୋ ଜଳ ମଧ୍ୟକୁ ପାଇପ୍ ଦ୍ୱାରା ଛାଡ଼ି ଦେଉଛନ୍ତି । ଯାହାଦ୍ୱାରା କି ମୋ ଜଳକୁ ନେଇ ବଂଚୁଥିବା ଜଳଚର ପ୍ରାଣୀମାନେ ମୃତ୍ୟୁମୁଖରେ ପଡୁଛନ୍ତି । ଏତଦ୍ ବ୍ୟତୀତ ବିଭିନ୍ନ ସହର ମାନଙ୍କରେ ଯେଉଁ ପୂଜା ପାର୍ବଣ କରୁଛନ୍ତି, ତାହା ଶେଷ ହେବା ପରେ ମୃଣ୍ମୟୀବିଗ୍ରହ ମାନଙ୍କୁ ମୋ ଶରୀରରେ ନିକ୍ଷେପ କରୁଛନ୍ତି । ତୁମେ ଦେଖୁଥିବ ଦଶହରା ଭସାଣୀରେ କଟକର ଦେବୀଘାଟର ଅବସ୍ଥା ।

ଏତ ଆବର୍ଜନାର କାହାଣୀ, ଆଉ ଏକ ଦୁଃଖ କାହାଣୀ ହେଉଛି, ମୋ ଜଳକୁ କମ୍ପାନୀମାନଙ୍କୁ ବିକ୍ରି କରିଦିଆଯାଉଛି। ଯାହାଦ୍ୱାରା କି ମୋର ଜଳସ୍ତର କ୍ରମଶଃ କମି କମି ଯାଉଛି । ରୋଗଗ୍ରସ୍ତ ମଣିଷ ପରି ମୁଁ ଛଟପଟ ହେଉଛି । ଆଠଗଡ଼ ଆରତୀଷ୍ଟିଲ୍, ଚୌଦ୍ୱାରସ୍ଥିତ ଆଇସିସିଏଲ୍‌ର ଥର୍ମାଲ ମଣିଷର ଏପରି ଦୁଷ୍କର୍ମ ମୋ ପାଇଁ କଷ୍ଟଦାୟକ ହେଉଛି । ମୁଁ କଦାପି ଅପରିଷ୍କାର ନଥିଲି, ମୋ ଜଳ ଲୋକମାନେ ପାନୀୟ ରୂପେ ବ୍ୟବହାର କରୁଥିଲେ । କିନ୍ତୁ ଆଜି କାହିଁ ?

ସପ୍ନମୋର ସପ୍ନରେ ରହିଗଲା । ଭାବିଥିଲି ସମାଜ ବଦଳୁଛି । ଏଥର ମୋର ଆଉ ଦୁଃଖ ରହିବ ନାହିଁ କିନ୍ତୁ ଦୁଃଖ ବଢ଼ିବାରେ ଲାଗିଛି । ଅହଂକାରୀ ମନୁଷ୍ୟ ନିଜ ଅହଂକାରକୁ ଚରିତାର୍ଥ କରିବା ପାଇଁ ମୋ ଉପରେ ଦାଉ ସାଧୁଛି । ଚିନ୍ତା କରୁନାହିଁ କ୍ଷତି କାହାର ହେବ ? ମୁଁ ତ ମରିଯିବି, କିନ୍ତୁ ମୋ ବିନା ବଂଚି ପାରିବେ ଓଡ଼ିଶାବାସୀ । ମୋତେ ପୂତିଗନ୍ଧରେ ପୋତିଦେଲେ, ସେମାନେ କ'ଣ ଗନ୍ଧଯୁକ୍ତ ହେବେ ନାହିଁ ।

ଅଧ୍ୟାପିକା
ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ
ଜଗତପୁର,କଟକ

# ସମୟ ସ୍ରୋତରେ ଜୀବନ

ଡ. ବିଜୁଳି ଖଣ୍ଡାୟତ ରାୟ



ବବ୍ଲୁ ତୁ କେମିତି ଅଛୁ ? କେତେଦିନ ହେଲାଣି ତୁ ତ କାହିଁକି ଆମ ଘର ଆଡେ ଆସୁନୁ ? ତୁ କ'ଣ ଆଉ ବରକୋଳି ଖାଉନୁ ? ବବ୍ଲୁ ସବୁ ଶୁଣି ମଧ୍ୟ ନ ଶୁଣିଲା ପରି ବାଟ କାଟି ଧୀରେ ଧୀରେ ଆଗକୁ ପଳାଇ ଯାଉଥାଏ, ମକରାର କଥାରେ । ସିଏ ଯେତେ କହିଲେବି- ଆରେ ମୁଁ ତୋର ମକୁଦାଦା । ତୋତେ ମୁଁ ଏଇ କାନ୍ଧରେ କେତେ ନାଉ କରି ନ ବୁଲେଇଛି । ମୋତେ ଚିହ୍ନିପାରୁନୁ ? ମୁଁ ଘୋଡା ହେଲେ ତୁ ମୋ ପିଠିରେ ବସି ସବୁ ଭାତ ଖାଇ ଦେଉଥିଲୁ, ତୋର ମନେ ନାଇଁକି ? ଆଜି ପୁଣି କ'ଣ ହେଲା ? ତୁ ଏମିତି ମୋଠୁ ଦୂରେଇ ଯାଉଛୁ ? କ'ଣ ବଡ ହୋଇ ତୁ ସ୍କୁଲ୍ ଗଲୁଣି ବୋଲି । ସେଥିପାଇଁ ମୋ ସାଙ୍ଗରେ କଥା ହେବୁନି ? 'ନାହିଁ ମକୁଦାଦା ସେ କଥା ନୁହେଁ ? ମା' କହୁଥିଲେ ତମେ କୁଆଡେ ବାୟା ହୋଇଯାଇଛ । ତମ ମୁଣ୍ଡ କାମ କରୁନି । ସେଥିପାଇଁ ତମ ସାଙ୍ଗରେ କଥା ହେଉନି, ନ ହେଲେ ଆଉ କିଛି ନାହିଁ ।' ତା' ହେଲେ ତୁ ବି କ'ଣ ସମସ୍ତଙ୍କ ପରି ମୋତେ ମକରାବାୟା ଡାକିବୁ । ଆଜି ସବୁଠି ବାଟରେ ଘାଟରେ ସବୁଆଡେ ମୋର ଚିହ୍ନା ଓ ଅଚିହ୍ନା ଲୋକ ମୋତେ ମକରା ପାଗଳ ବୋଲି ଡାକୁଛନ୍ତି । ତୁ ବି ତୋର ମକୁଦାଦାକୁ ମକରା ପାଗଳ ବୋଲି ଡାକିବୁ ।'

'ଛୋଟବେ ହୋଇଥିଲୁ ଏ ଗାଲକୁ ତୁ କେତେ ଚାପୁଡା ନ ମାରିଛୁ ତୋର ସେ କୁନି କୁନି ନଖରେ ଏ ହାତକୁ ମୋର କେତେ ଖଣ୍ଡିଆ କରିଛୁ କେବେ ହେଲେ ପ୍ରତିବାଦ କରିନି କି କଷ୍ଟ ହେଲା ବୋଲି ତୋତେ କେବେ କହିନି । କିନ୍ତୁ ଆଜି ସେଦିନର ସେ ଚାପୁଡା ଓ କ୍ଷତଠାରୁ ତୋର ଏ ଦାଦାକୁ ପାଗଳ ଡାକଟା ବହୁତ କଷ୍ଟ ଦେଉଛି ।' 'ନାଇଁ ଦାଦା ମୁଁ ତ ତୁମକୁ କେବେ ପାଗଳ ବୋଲି ଡାକିନାହିଁ । ତମେ ତ ମୋ ଦାଦା ।' 'କିଏ ଦାଦା । କାହାର ଦାଦା । ମୁଁ ପାଗଳ । ମକରା ପାଗଳ । ଖାଲି ମକରା ପାଗଳ । ଚାଲିଯା, ଚାଲିଯା ଏଠୁ', ଏକଥା ସିଏ ବାରମ୍ବାର ବବ୍ଲୁକୁ କହିଛି । କିନ୍ତୁ ବବୁଲ୍ ଯାଉନି । ମକରା ରାଗିଯାଇଛି । 'ମୋର କେହି ନାହିଁ', କହିଛି । ଚିତ୍କାର କରିଛି । ଖୁବ୍ ଜୋର୍‌ରେ କାନ୍ଦିଛି । ତା' ମକରା ଦାଦାକୁ ଏମିତି ଅବସ୍ଥାରେ

ଦେଖି ବବ୍‌ଲୁ ଡରି ଯାଉଛି । ସିଏ କେବେ ତା' ଦାଦାକୁ ଏମିତି ଭାବରେ ଦେଖିନଥିଲା । ମକରାର ଏପରି ଅବସ୍ଥା ଦେଖି ତା'କୁ ଯେତିକି ଭୟ ଲାଗୁଥିଲା, ସେତିକି ଦୁଃଖ ବି ଲାଗୁଥିଲା । ମକରା ଆଖିର ଲୁହକୁ ଦେଖି ବବ୍‌ଲୁ ଆଖିରେ ବି ଲୁହ ଜକେଇ ଆସିଥିଲା । କିନ୍ତୁ ସେ ତା' ମନରେ ସାହାସ ସଂଚୟ କଲା । ବହୁଦିନ ଧରି ତା' ଦାଦାକୁ ପଚାରିବାକୁ ଚାହୁଁଥିବା ପ୍ରଶ୍ନ ବବ୍‌ଲୁ ସେଦିନ ପଚାରିଛି, 'ଦାଦା ତୁମେ ଯଦି ପାଗଳ ନୁହଁ, ତାହା ହେଲେ ମୋର ଆଉ ଦାଦାପରି ହେଉଯାଉନ କାହିଁକି ? ତୁମେ ତ ଆଗରୁ ଏମିତି ନ ଥିଲ ? କ'ଣ ହୋଇଛି ତୁମର ? ମନ ହେଲେ କାନ୍ଦୁଛ । ମନ ହେଲେ ହସୁଛ । କାହିଁକି ଦାଦା ? କାହିଁକି ?' ବବ୍‌ଲୁର ଏ ପ୍ରଶ୍ନରେ ମକରା ପୁରାପୁରି ସ୍ତବ୍ଧ ହୋଇଯାଇଛି । ଯେଉଁ ପ୍ରଶ୍ନ ବବ୍‌ଲୁ ଆଜି ମକରାକୁ ପଚାରିଛି ସେ ପ୍ରଶ୍ନ ତା' ନିଜ ପୁଅ ତା'କୁ କେବେ ବି ପଚାରିନି, କି ଏ ଗାଁର କେହିବି ନୁହେଁ ? କେହିବି ତା'ର ଏ ଆଖିର ଲୁହକୁ ପଢିବାକୁ ଚେଷ୍ଟା କରିନାହାଁନ୍ତି । ହେଲେ ବବ୍‌ଲୁ, ସିଏ ତ ଖୁବ୍ ଛୋଟ ପିଲା ? ସିଏ କ'ଣ ଜାଣିପାରିଲା ତା'କୁ ? ବୁଝିପାରିଲା ତା' ଭାଷାକୁ ? ସେହି ସମୟରେ ବବ୍‌ଲୁର ପଦିଏ କଥା ମକରା ଅନୁଭବ କରିଛି । ଏତେ ଦିନ ପରେ କେହି ଜଣେ ତା'ର ନିଜର ହୋଇପାରିଛି ବୋଲି ଖୁବ୍ ତରଳି ଯାଇଛି ମକରା,ବବ୍‌ଲୁର ସେ ମିଠା କଥାରେ । ବବ୍‌ଲୁକୁ ଧରି ଜୋର୍ କାନ୍ଦିଲା, କାନ୍ଦି କାନ୍ଦି ପ୍ରକାଶ କଲା ତା' ହୃଦୟରେ ଲୁଚେଇ ରଖିଥିବା ସେହି ଅତୀତର ଦୁଃଖ ଭରା କାହାଣୀ, 'ଜାଣିଛୁ ବବ୍‌ଲୁ ! ଲୋକେ ମୋତେ ଶ୍ରଦ୍ଧାରେ ମକରା ବୋଲି ଡାକନ୍ତି । କିନ୍ତୁ ଏବେ ? ଏବେ ମୁଁ ମକରା ପାଗଳ । ସମସ୍ତେ ମୋତେ ଶ୍ରଦ୍ଧାରେ ନୁହେଁ ଆକ୍ଷେପ କରି ଡାକୁଛନ୍ତି । କେହି କେବେ ବୁଝିବାକୁ ଚେଷ୍ଟା କରିନାହାଁନ୍ତି । ମୋର ଏ ପାଗଳାମି କ'ଣ ପାଇଁ ? କେହି କେବେ ମୋତେ ଟିକେ ସ୍ନେହ କରିନାହାଁନ୍ତି । କେହି ଆଦର କରିନାହାଁନ୍ତି । କେହି ଟିକେ ତାଙ୍କ ପାଖରେ ବସଉନାହାଁନ୍ତି । ସବୁବେଳେ ମାରୁଧର । ତୁ କହିଲୁ କେହିବି ମୋତେ ସାହାଯ୍ୟ କରୁନାହାଁନ୍ତି କି ଚେଷ୍ଟା ବି କରୁନାହାଁନ୍ତି ମୋତେ ଭଲ କରିବା ପାଇଁ । ବରଂ ପାଗଳ ବୋଲି ଡାକି ନିଜର ବଡ ପଣିଆକୁ ସାର୍ଥକ କରିବାରେ ଲାଗିଛନ୍ତି ।'

ମୁଁ ମକରା ମୋର ଜନ୍ମ ନାଉଗାଁର ବାଲି ସାହିରେ । ପିଲାଟି ବେଳୁ ମୁଁ ଦାରିଦ୍ର୍ୟର ତାଡନାରେ ଜୀବନ ବଂଚିବାରେ ଶିଖିଛି । ମୋର ସେଇ ଗୁଡିଆ ଦୋକାନର ଅଳ୍ପ ଆୟରେ ମୁଁ ଚଳାଉଥିଲି ମୋର ଛୋଟିଆ ସଂସାର । ତୋ ଖୁଡୀ ଆଉ ବିନ୍ଦୁଭାଇ ସେତେବେଳକୁ ଛ' କି ସାତ ବର୍ଷର ପିଲାଟି । ଏଇ ଦୁଇଜଣଙ୍କୁ ନେଇ ମୋର ଥିଲା ପରିବାର । ଖୁବ୍ ଖୁସିରେ ଥିଲୁ ଆମେ । କିନ୍ତୁ ସେଦିନର ସେ ରାତ୍ରିର ଅନ୍ଧକାର ସେ ଭୟଙ୍କର ଚିତ୍କାର ଆଜି ବି ମୋର ଏ କାନ ପାଖରେ ଗୁଣୁ ଗୁଣୁ ହେଉଛି । ଯାହାର ବେଦନା ଶୁଣି ଏ ଛାତି ଭିତରର କଲିଜା ଖଣ୍ଡ ଖଣ୍ଡ ହେଲା ପରି ଲାଗୁଛି ।' ମକରାର କଥାକୁ କିଛି ବି ବୁଝିପାରୁନଥିଲା ବବ୍‌ଲୁ । କିନ୍ତୁ ବେଶ୍ ଉତ୍କଣ୍ଠାରେ ଶୁଣୁଥିଲା ତା' ଦାଦା ମକରାର କଥାକୁ । ଆଉ ପଚାରୁଥିଲା ପ୍ରଶ୍ନ ପରେ ପ୍ରଶ୍ନ । 'ଦାଦା କେଉଁ ଅନ୍ଧାର ?, କାହାର ଚିତ୍କାର ? ତୁମେ ଯାହା କହୁଛ ମୁଁ କିଛି ବୁଝିପାରୁନି ।' 'ବୁଝିପାରିବୁ ସବୁ ବୁଝିପାରିବୁ । ମୁଁ ବି ପ୍ରଥମେ ପ୍ରଥମେ କିଛି ବୁଝିପାରିନଥିଲି । କିନ୍ତୁ ଏବେ ? ଏବେ ମୁଁ ସମସ୍ତଙ୍କୁ ବୁଝିଛି ସମସ୍ତଙ୍କୁ ଚିହ୍ନିସାରିଛି ।' କାହାକୁ ବୁଝିବାର କି ଚିହ୍ନିବାର ବାକିନାହିଁ ବବ୍‌ଲୁ ଆଗରେ ଏଇତକ କହି ପୁଣି ମକରା କାନ୍ଦି ପକେଇଲା ।

'ଦାଦା ତୁମେ ପୁଣି କାନ୍ଦିଲ । କୁହନା ସେ ଅନ୍ଧକାରରେ ତୁମେ କାହାର ଚିତ୍କାର ଆଜି ବି ଶୁଣିପାରୁଛ ? କାହାର କୋଉଁ ଅନ୍ଧକାର',ସବୁ ବବ୍‌ଲୁ ପଚାରିଲା ।

'ସେ ଅନ୍ଧକାର ଆଉ କାହା ଜୀବନରେ ନୁହେଁ ସେଦିନ ମୋ ଜୀବନରେ ଆସିଥିଲା । ସେ ଚିତ୍କାର ଆଉ କାହାର ନଥିଲା । ତୋ' ମୀନା ଖୁଡୀର ଥିଲା । ମୋ' ପୁଅ ଛଅ କି ସାତ ବର୍ଷର କଅଁଳା ଶିଶୁଟିଏ ଥିଲା । ହେଲେ ସେମାନେ କ'ଣ ଶୁଣିଲେ କେହିବି ଶୁଣିଲେନି । ଯେଉଁ ମଣିଷଙ୍କୁ ମୁଁ ବିଶ୍ୱାସ କରି ବନ୍ଧୁ ବୋଲି ଭାବିଥିଲି । ସେହି ମାନେ ହିଁ ମୋ ବିଶ୍ୱାସରେ ବିଷ ଦେଇ ଦେଲେ । ଛାଡିଲେନି ମୋ ରୋଗିଣା ସ୍ତ୍ରୀକୁ ଶୁଣିପାରିଲେନି ନିଷ୍ପାପ ଶିଶୁଟିର କ୍ରନ୍ଦନ ର ସ୍ୱର । କେତେ ନେହୁରା ନ ହେଇଛି କିନ୍ତୁ ଶୁଣିଲେନି । ଗୋଟି ଗୋଟି କରି ତିନିଜଣ ଯାକ ମଣିଷ ସେଦିନ ପଶୁ ପାଲଟି

ଗଲେ। ଖାଲି ପଶୁ ନୁହେଁ ତ ସେମାନେ ଅତ୍ୟନ୍ତ ଦୁର୍ଦ୍ଦାନ୍ତ, ଅମାନବିକ ଓ ଖୁବ୍ ଭୟଙ୍କର ନରରୂପୀ ପିଶାଚ ଭଳି ଦେଖାଯାଉଥିଲେ। ସେଦିନ ମୋରି ଆଖି ସାମ୍ନାରେ ମୋ ରୋଗିଣା ସ୍ତ୍ରୀକୁ ସେମାନେ ଶାରୀରିକ ନିର୍ଯ୍ୟାତନା ଦେଇ ଚାଲିଲେ । ଶୋଷି ଚାଲିଲେ ତା'ର ପ୍ରତ୍ୟେକ ଲହୁକୁ। ସବୁଦେଖି ସବୁଶୁଣି ମଧ୍ୟ ମୁଁ ନିରୁପାୟ। ସେମାନେ ଶୁଣିପାରୁନଥା'ନ୍ତି ମୋ ପିଲାଟାର ବିକଳ ଚିତ୍କାର ଆଉ ମୋର ବିନମ୍ର ଅନୁରୋଧକୁ। କିଛି ସମୟରେ ସବୁକିଛି ନିସ୍ତବ୍ଧ ହୋଇଗଲା। ଯେମିତି ଲାଗୁଥିଲା ରାତ୍ରିର ଅନ୍ଧକାରରେ ଆସିଥିବା ସେ ଅକସ୍ମାତ ଝଡ଼ଟି କେବଳ ମୋରି ଘର ଭାଙ୍ଗିବା ପାଇଁ ଆସିଥିଲାରେ ବବୁଲ୍। ସବୁକିଛି ମୋର ମାଟିରେ ମିଶେଇ ଦେଇ ରାତି ନପାହୁଣୁ ଚାଲିଗଲାରେ।' 'ନିଶ୍ଚିତ ଭୟାଳୁ କିମ୍ବା କାପୁରୁଷ ହୋଇଥିବେ। ନହେଲେ କ'ଣ ସେଇ ଅନ୍ଧକାରରେ ଆସି ଅନ୍ଧକାରରେ ଉଭେଇ ଯାଇଥା'ନ୍ତେ।' ବବ୍‌ଲୁ କହିଲା।

ରାତି ଯାଇ ସକାଳ ହେଲା ସମସ୍ତେ ନୀରବ। କେହି ହେଲେ କିଛି ବି ଜାଣିପାରିଲେନି କ'ଣ ଘଟିଗଲା ମୋ' ଜୀବନରେ ପୁରାପୁରି ନିସ୍ତବ୍ଧ ପାଲଟି ଯାଇଥିବା ମୋ' ସଂଜ୍ଞାହୀନ ସ୍ତ୍ରୀକୁ ଆଉ ମୋତେ ବଜାରର କିଛି ଲୋକ ସେଦିନ ମେଡିକାଲ ନେଇ ଆସିଲେ। ମେଡିକାଲରେ ତୋ ଖୁଡୀ ଅନେକ କିଛି କହିବାକୁ ଚାହୁଁଥିଲା। କିନ୍ତୁ କିଛି କହିବା ପୂର୍ବରୁ ହିଁ ଉପରକୁ ଚାଲିଗଲା। ବହୁତ ଦୂରକୁ ଚାଲିଗଲାରେ। ମୋତେ ଏକୁଟିଆ କରି ସବୁଦିନ ପାଇଁ ଚାଲିଗଲା। ସେମାନେ ତା'କୁ ମାରିଦେଲେ ମୁଁ ସେମାନଙ୍କର କିଛି ବି କରିପାରିଲିନି କି ତୋ ଖୁଡୀକୁ ବଂଚେଇ ପାରିଲି ନାହିଁ।

ଖୁସିରେ କଟେଇଥିବା ମୋ ପରିବାର ସହିତ ସେ ଦିନଗୁଡାକ ମନେ ପଡିଗଲେ ମୁଁ ହସେ। ମୋ' ବିଲୁ ମୋ'ଠୁ ଅଲଗା ହୋଇଯାଇଛି। ମୋ ସ୍ତ୍ରୀ ମୋତେ ଛାଡ଼ି ସବୁଦିନ ପାଇଁ ଚାଲିଯାଇଛି। ସେ ରାତିର ଗର୍ଜନ ଆଉ ଚିତ୍କାର ମନେ ପଡିଗଲେ ମୋତେ ବହୁତ କଷ୍ଟ ହୁଏରେ। ଏ ସବୁରୁ ମୁଁ ମୁକ୍ତ ହେବାକୁ ଚାହେଁ। ବବ୍‌ଲୁ ! ମୁକ୍ତ ହେବାକୁ ଚାହେଁ। କିନ୍ତୁ ଭୁଲିପାରେନି, ମନେ ମନେ ଖୁବ୍ କାନ୍ଦେ, ଚିତ୍କାର କରେ କିନ୍ତୁ କେହିବି ବୁଝିପାରନ୍ତି ନାହିଁ। ସେହି ଦିନଠାରୁ ମୁଁ ହେଲି ପାଗଳ। ମୋତେ ମୋ ପୁଅ ପାଖକୁ ଯିବା ମନା। ତା' ସହିତ କଥା ହେବା ମନା। ଏବେ ସିନା ସିଏ ବାହା ହୋଇ ଘର ସଂସାର କଲାଣି କିନ୍ତୁ ଯେତେବେଳେ ସିଏ ଛୋଟଟେ ଥିଲା। ମା'କୁ ନ ପାଇ କାନ୍ଦୁଥିଲା। ସେତେବେଳେ କେତେଥର ଇଚ୍ଛା ହେଇଛି ତା'କୁ ଟିକେ ଛାତିରେ ଧରି ଗେଲ କରିବାକୁ କିନ୍ତୁ ଦିଆହୋଇନି ମୋତେ ସେ ଅଧିକାର କି ସୁଯୋଗ। ତୁ କହ ବବୁଲ୍ ମୁଁ ତା'ର ବାପା। ମୋର କ'ଣ ସେ ଅଧିକାର ନାହିଁ ? ହଁ ଅଛି। କିନ୍ତୁ ଏ ଲୋକମାନେ କହିଲେ ମୁଁ କୁଆଡେ ତା'ର ବାପା ନୁହେଁ। ମୁଁ ଗୋଟେ ପାଗଳ। ମୋ ସାଙ୍ଗରେ ରହିଲେ ସିଏ କୁଆଡେ ପାଗଳ ହୋଇଯିବ। ତେଣୁ ସେହି ଦିନଠାରୁ ମିନାକ୍ଷୀ ତା'କୁ ତା' ପାଖରେ ରଖିଲା। ତା'ଭଲ ମନ୍ଦ ସବୁ ସେ ହିଁ ବୁଝିଲା।

ମୋ ଜୀବନ ଆଉ ଘରର ଚାରିକାନ୍ଥ ଭିତରେ ରହିଲା ନାହିଁ। ରହିଲା ରାସ୍ତା କଡର ପାଖ ବଜାରରେ, ଅଇଁଠା ପତ୍ର ସ୍ଥାନରେ ଆଉ ବେଳେ ବେଳେ ଗୁହାଳ ଭିତରେ। ସବୁବେଳେ ଲୁହାର ଶିକୁଳିରେ ଏହି ହାତ ଗୋଡ ମୋର ବନ୍ଧା। ଭାରି କଷ୍ଟ ହଉଛିରେ ଗୋଡରେ ମଶାଟିଏ କି ମାଛିଟିଏ ବସିଲେ ଏହାତ ଯାଇପାରୁନି କି ହାତରେ ଖଣ୍ଡିଆଟିଏ ହୋଇଗଲେ, ତା'କୁ ମଲମ ଲଗେଇ ପାରୁନି। କେହି ହେଲେ ବି ମୋ ହାତକୁ ସାହାସ କରି ଖାଇବା ଟିକେ ଦଉନାହାଁନ୍ତି। ମୋ ହାତ ବହୁତ ଆସନା, ମୋତେ ଟିକେ ଖୁଆଇ ବି ଦଉନାହାଁନ୍ତି। ଖାଇବା ଦେବାର ଯଦି ଇଚ୍ଛା ନାହିଁ ନ ଦିଅ, ଏ ବୁଢାଟା ନଖାଇ ନପିଇ ଯେତେ ଜଲ୍‌ଦି ମରିବ ସେତେ ଜଲ୍‌ଦି ତମେ ଶାନ୍ତି ପାଇବ । ଏଠି ସେଠି ଖାଇବାକୁ କାହିଁ ଫୋପାଡି କି ଦଉଛ ଯେ, କେମିତି ଖାଇବି ? ଆସନା ଲାଗିବନି ? ତମେ କ'ଣ ପତ୍ରଟିଏ ନ ପକେଇଲେ କି ଥାଳିଟିଏ ନ ଥୋଇଲେ ଖାଇବା ଖାଉଛ ? ତା' ହେଲେ ମୋତେ ତୁମେ କାହିଁକି ଏମିତି କରୁଛ ? ମୁଁ ତ ତମକୁ କେବେ ମାଡ ମାରିନି କି ଟେକା ପକେଇନି। ମୋତେ ତୁମେ କାହିଁକି ମାରୁଛ ? ମୋତେ କାହିଁ

ତେବେ [illegible] ବହୁତ [illegible] ଦେହ ସାରା କେତେ ଖଣ୍ଡିଆ, [illegible]। [illegible] କଷ୍ଟ ହେଉଛି ହେଲେ କେହି [illegible] ଟିକେ ବି ଆଦର କରୁନାହାଁନ୍ତି। ତୋ ଦେହରେ [illegible] ହୋଇଯାଏ ତୋତେ ତୋ ମା' [illegible] ଦିଅନ୍ତି। [illegible] ଲୁହ ଝରିଲେ [illegible] ପଣତରେ [illegible] ଲୁହକୁ [illegible] ଦିଅନ୍ତି। [illegible] ମୋତେ, [illegible] ଯେତେବେଳେ କଷ୍ଟ କି ଯନ୍ତ୍ରଣା ହୁଏ ମୁଁ ନ ସହିପାରିଲେ ବହୁତ କାନ୍ଦେ। ମୋ ଲୁହ ପୋଛିବା ତ ଦୂର କଥା ମୋ ପାଖକୁ ବି କେହି ଆସନ୍ତିନାହିଁ। ଏ ଲୋକମାନେ ମୋତେ ଦେଖି ଖାଲି ଠୋ ଠୋ ହୋଇ ହସନ୍ତି। ମୋ କଥାକୁ ପରିହାସ କରନ୍ତି। ପୁଅ ବଡହୋଇ ଘର କଲାଣି। ମୋତେ ଘର ଭିତରକୁ ଯିବା ମନା। ବାରଣ୍ଡାରେ ଯଦି ଟିକେ ବସିଥାଏ ମୋ ବୋହୂ ମୋତେ ଖୁବ୍ ମାରେ। ପୁଅ କିଛି ବି କହେନାହିଁ। ବାରଣ୍ଡାରୁ ମୋତେ ଯା' ଯା' କହି ଘଉଡାଇଦିଏ। ଭୋକରେ ବିକଳ ହୋଇ ମୁଁ ଯେତେବେଳେ ଖାଇବା ମାଗେ ସେତେବେଳେ କିଏ ପୋପାଡେ ଶୁଖିଲା ରୁଟି, ତ କିଏ ଦିଏ ପିଠିରେ ଲାଠି। ଏମିତି ଗଡିଚାଲିଛି ମୋ ଜୀବନ' ମକରା ପାଖରୁ ଏସବୁ ଶୁଣି ବବୁଲ୍ ବୁଝିପାରିଛି ତା' ମକରା ଦାଦାର ଭାଷାକୁ। ଅନୁଭବ କରିଛି ତା' ହୃଦୟର ସେ ବ୍ୟଥାକୁ। ବବୁଲ୍ କାନ୍ଦି ପକାଇଛି ଖୁବ୍ ଜୋର୍‌ରେ। ଦାଦାକୁ ବୁଝେଇଛି। 'ଏଥର ତୁମକୁ କେହିବି ପାଟିକରିବେନି। କେହିବି ମାରିବେନି। ତୁମେ ପାଗଳ ନୁହଁ ଦାଦା। ତୁମେ ପାଗଳ ନୁହଁ, ତୁମେ ମଣିଷ ମୁଁ ତୁମର ଯତ୍ନ ନେବି, ମୋ ବୋଉକୁ ମୁଁ ବୁଝେଇବି। ତୁମେ ମୋର ସେଇ ମକରା ଦାଦା। ତୁମର ମଧ୍ୟ ବଂଚିବାର ଅଧିକାର ଅଛି। ଆମେ ଯେମିତି ବଂଚିଛୁ। ତୁମେ ବି ସେମିତି ବଂଚିବ। ହଁ ହଁ ମୁଁ ସମସ୍ତଙ୍କୁ କହିବି ତୁମେ ପାଗଳ ନୁହଁ। ତୁମେ ଆମ ମକୁଦାଦା। ବିଲୁଭାଇଙ୍କର ବାପା।' ଏ କଥା ସିଏ ସମସ୍ତଙ୍କୁ କହିଛି। ତା' ପାଟିରୁ ଏସବୁ ଶୁଣି ସେହି ସମୟରେ ମକରା ଅନୁଭବ କରିଛି ସିଏ ସୁସ୍ଥ, ମନରେ ପାଇଛି ଖୁବ୍ ଆନନ୍ଦ, ଅନେକ ଆଶା କରିଛି। ନୂତନ ପ୍ରଭାତର ସୁନେଲୀ କିରଣ ବବୁଲ୍ ତ ବୁଝିଗଲା ମକରା ପାଗଳର ଭାଷାକୁ। ଖାଲି କ'ଣ ମକରା, ସମାଜରେ ଏଇ ଭଳି ଅନେକ ଚରିତ୍ର ଅଛନ୍ତି, ସେମାନଙ୍କୁ ବଂଚିବାକୁ ଦିଅ। ସେମାନଙ୍କ ଭାଷାକୁ ବୁଝିବାକୁ ଚେଷ୍ଟାକର ଯେମିତି ବବୁଲ୍ ଆଗେଇ ଆସିଛି ନ ହେଲେ ମକରା ପରି ସମସ୍ତେ ଚାହିଁଥିବେ ଏକ ନୂତନ ସକାଳକୁ। ସିଏ ଜାଣିନାହାଁନ୍ତି। ସେ ସକାଳ ତାଙ୍କ ଜୀବନରେ ଆସିବ କି ନାହିଁ।



ନୀଳାଦ୍ରିବିହାର

କଟକ

# ପକ୍ଷୀ ମୁଁ, ନୁହେଁ କି ତୁମର

ପ୍ରାଚୀ ପ୍ରଜ୍ଞା

'ଭାଇ, ହେ ଭାଇ, କୁଆଡେ ଗଲୁ', 'ଦେଖ୍ ଏଇଠି କାନ୍ଥ ଉପର ଖୋଲରେ ବସିଛି।' 'ଆରେ କେଉଁଠି ମୁଁ ତ ଦେଖିପାରୁନାହିଁ।' 'ତୁ କେମିତି ଜାଣିଲୁ।' 'ହଁ ତୁ



ଜାଣିପାରୁନୁ ସେ ପରା ଉଡି ଉଡି ଆସି ଏ ଖୋଲ ଭିତରେ ପଶିଗଲା।' 'କେଉଁଠି କାହିଁ? ମିଛୁଆ କେଉଁଠିକାର୍। ତୁ ସବୁବେଳେ ମିଛକଥା କହି ମୋତେ ଡାକିଆଣୁଛୁ।' ହଉ ହେଲା ତୁ ଯା' ମା'ଘରୁ ବଡ ବାଡିଟା ଆଣିବୁ, ମୁଁ ତା'କୁ ଜଗିଛି।' 'ଟିକେରହ ଆପେ ଜଣା ପଡିଯିବନି କିଏ ମିଛ କହୁଛି।' 'ଠିକ୍‌ଅଛି ତୁ ଏଠି ଥା, ମୁଁ ଆଣୁଛି।'

ନୀରିହ, ସରଳ ମୁହଁଟି ଖୋଲ ଭିତରୁ ମୁଣ୍ଡ ଟେକି ନେହୁରା ହୋଇ ବିକଳରେ କହୁଛି, 'ସୋନୁ ଭାଇ। ମନୁ ଭାଇ, ମୋ ବସା ଭାଙ୍ଗୁଛ କାହିଁକି, ମୁଁ ପରା ତୁମ ଟିକି ଚଢେଇ। ମୋତେ ଚିହ୍ନିପାରୁନ। ମୋତେ ଦେଖି ତୁମେ କେତେ ଖୁସି ହେଉଥିଲ। ମୁଁ ଯେତେବେଳେ ତୁମ ଘର ଆଗର ଗଛ ଉପରେ ବସି ମୋ ପରଗୁଡିକୁ ଝାଡୁଥିଲି ସେତେବେଳେ

ତମେ ମୋତେ କେତେ ସବୁଜାତ ଖାଇ ଦେଉଥିଲ। ସେଦିନ ତ ତମେ ମୋତେ ପାଖକୁ ଡାକୁଥିଲ, ଗେହ୍ଲା କରିବା ପାଇଁ। ଆଜି ତୁମର କ'ଣ ହୋଇଛି। ମୋତେ ଆଜି ତମେମାନେ ଏତେ ହଇରାଣ ହାଲିଆ କରୁଛ। ମୁଁ ପରା ଏଠି ବସାବାନ୍ଧି ଅଣ୍ଡା ଦେଇଛି। କାଲି ସକାଳେ ମୋର ଛୋଟ ଛୋଟ ନବ ଶିଶୁ ଆସି ତୁମ ସାଙ୍ଗରେ ଅଗଣାରେ ଖେଳିବେ, ମୋ ବସା ଭାଙ୍ଗିଦେଲେ ସେମାନେ ତ ମରିଯିବେ, ମୁଁ ଆଉ କାହା ପାଇଁ ବଂଚିବି। ତୁମେ କ'ଣ ଏହି ନିଷ୍ଠୁର ମଣିଷମାନଙ୍କ ପରି। ଆଜି ମଣିଷ ଗଛ କାଟି ଦେଉଛି, ନିଜର ଖୁସି ପାଇଁ ଆମ ପ୍ରଜାତିର ଚଢେଇମାନଙ୍କୁ ଶିକାର କରୁଛି। ଆମକୁ ବନ୍ଦୀ କରୁଛି, କେତେବେଳେ ନିଜର ମନୋରଞ୍ଜନ ପାଇଁ ତ କେତେବେଳେ ନଜର ଜିହ୍ୱାର ଲାଳସା ଚରିତାର୍ଥ ପାଇଁ ଆମକୁ ଆହାର ରୂପେ ଗ୍ରହଣ କରୁଛନ୍ତି। ତୁମେ ତ ଜାଣିଛ ଏ ପୃଥିବୀ ଉପରେ ବିଭିନ୍ନ କିସମର ଓ ରଙ୍ଗ ବେରଙ୍ଗର ବିହଙ୍ଗମାନ ଅଛନ୍ତି। ଆମ ସୁନ୍ଦରତାରେ ବିଭୋର ହୋଇ କେତେ କବି କେତେ କେତେ କବିତା ବି ଲେଖିଛନ୍ତି। ମରୁଭୂମିର କ୍ଳାନ୍ତ ପଥିକ ନାଇଟ୍ ଏଙ୍ଗେଲ୍ ଗୀତ ଶୁଣି ସେମାନଙ୍କ କ୍ଳାନ୍ତି ଦୂର କରି ଥାଏ। ବସନ୍ତର ଆଗମନରେ କୋଇଲିର କୁହୁ ତାନ ପ୍ରକୃତିକୁ ଅଧିକ ମନୋରମ କରିଥାଏ। ଆଉ ଜାଣିଛ ମୁଁ ଆଉ ଆମ ଅନ୍ୟ ଚଢେଇମାନେ ସକାଳ ହେବାମାତ୍ରେ କୋଳାହଳ ଶବ୍ଦ କରି ତୁମମାନଙ୍କୁ ନିଦରୁ ଉଠାଇଥାଉ। ଯାହା ଦ୍ୱାରା ତୁମେ ଠିକ୍ ସମୟରେ ସ୍କୁଲକୁ ଯାଇପାର।

ଆଉ ଶାଗୁଣା ଭାଇ କଥା ତ ତୁମେ ଜାଣିଥିବ ସିଏ ତ ତୁମର ଗୋଟିଏ ଅତି ଉପକାରୀ ଚଢେଇ କହିଲେ ଚଳିବ । କାରଣ ସିଏ ଜୀବଜନ୍ତୁ ହୁଅନ୍ତୁ କି ପଶୁପକ୍ଷୀ ସେମାନଙ୍କର ମୃତ ଶରୀରକୁ ଯେତେବେଳେ ଏଣେ ତେଣେ ଫିଙ୍ଗିଦିଆଯାଏ ତା'କୁ ସେ ଶାଗୁଣା ଭାଇମାନେ ଖାଇ ପରିବେଶକୁ ପରିଷ୍କାର କରିଥାନ୍ତି। କିନ୍ତୁ ସେମାନଙ୍କ ଅନୁପସ୍ଥିତିରେ ଏବେ ପରିବେଶ କେତେ ପ୍ରଦୂଷଣ ହେବାରେ ଲାଗିଛି ତାର କଳନା ନାହିଁ। ମୁଁ ସକାଳୁ ଉଠି ତମଘର ବାଡିରୁ ସବୁଜକ ପୋକ ଜୋକ ଖାଇଦିଏ। ଏଣୁ ସେସବୁ ପୋକ ଜୋକମାନେ ତମଘର ଭିତରକୁ ଯାଇପାରନ୍ତି ନାହିଁ। ଯାହାଦ୍ୱାରା ତୁମେମାନେ ଜୀବାଣୁ ମୁକ୍ତ ଜୀବନ ଜୀଇଁପାର।

ଆମେମାନେ ସଞ୍ଜଠାରୁ ସକାଳ ପର୍ଯ୍ୟନ୍ତ ଆମ କାମରେ ଲାଗିଥାଉ। ଯାହା ମଣିଷ ସମାଜକୁ ନୂଆ ଦିଗ୍‌ଦର୍ଶନ ଦେଇଥାଏ। ତୁମମାନଙ୍କ ମନରେ ଅନେକ ଆଶା ସଂଚାର କରିଥାଉ।' 'ସୋନୁ, ହେ ସୋନୁ କୁଆଡେ ଗଲୁ କିରେ। ଆସ ଖାଇବୁ' 'ହଁ ମା ଆସୁଛି। ମୁଁ ପରା ଏଇଠି ବାଲକୋନୀରେ ଠିଆ ହୋଇଛି।' 'ତୁ ସେଠି କ'ଣ କରୁଛୁ କିରେ ? ଆଉ ଭାଇକୁ କାହିଁ ବାଡି ପାଇଁ ପଠାଇଥିଲୁ ବାପା ସିଆଡେ ତା'କୁ ପାଟି କଲେଣି।' 'ଭାଇ ତୁ ବାଡି ଆଣିଲୁ।' 'ନାଁ ଆଣିନି ବାପା ପାଟି କଲେ।' 'ପାଟି କରିବେନି, ହଇରେ କ'ଣ ପାଇଁ ଭାଇକୁ ବାଡି ପାଇଁ ପଠେଇଥିଲୁ।' 'ମା' ଦେଖ ଏଇ ବଦମାସ୍ ବଣିଟା ଆସି ଆମଘର ସେ ଖୋଲ ଭିତରେ ଲୁଚିକରି ଅଛି। ମୁଁ କିନ୍ତୁ ଆଜି ଛାଡିବନି।' 'କାହିଁ ଛାଡିବୁନି ବାପା ଠିକ୍ କହୁଥିଲେ ତୁମେ ଦୁଇଟା ଯାକ ସତରେ ଗଧ, ନହେଲେ କ'ଣ ତମେ ସେ ନୀରିହ ଚଢେଇଟା ସାଙ୍ଗରେ ଏମିତି ଲାଗନ୍ତ। ସିଏ ତ ତା' ଜାଗାରେ ଅଛି। ସିଏ ତମର କ'ଣ କ୍ଷତି କରୁଛି। ଆରେ ସେ ଚଢେଇମାନେ ହେଲେ ପ୍ରକୃତିର ସୁନ୍ଦର ଅବଦାନ। ତୁମର ମନେ ନାହିଁ। ଆମଘର ଆଗରେ ଗୋଟିଏ ବଡ ଆମ୍ବ ଗଛ ଥିଲା। ବିଭିନ୍ନ ପ୍ରକାର ଚଢେଇ ଉଡି ଆସି ସେଠି ବସାକରି ରହୁଥିଲେ। ଗଲା ବର୍ଷ ବାତ୍ୟା ହେଲା ଯେ ଗଛଟା ପୁରା ଉପୁଡି ପଡିଲା। ତା'ପରେ ପୁଣି ରାସ୍ତାକାମ ଆରମ୍ଭ ହେଲା। ସେପଟ ଗଛଟିକୁ ବି ସେମାନେ କାଟି ଦେଲେ। ସେହି ଦିନଠାରୁ ଆଉ କ'ଣ ଆମ ଘରକୁ କିଚିରି ମିଚିରି ଶବ୍ଦ ଶୁଭୁଛି ? ନାଁ। ଦିନ ସାରା କାମ କରି କ୍ଳାନ୍ତ ସମୟ ମୁଁ ଏଇଠି ଟିକେ କଟଉ ଥିଲି। ସେ ଚଢେଇମାନଙ୍କୁ ଦେଖି ଦେଲେ ମୋତେ ବହୁତ ଖୁସି ଲାଗୁଥିଲା। ମୁଁ ସବୁ କିଛି ଭୁଲି ଯାଉଥିଲି। ଆରେ ତମେ ଦିଇଟା ଯେତେବେଳେ ଛୋଟଥିଲ ସବୁବେଳେ ଜିଦ୍ ଧରୁଥିଲ ଏଇଠିକୁ ଆସିବା ପାଇଁ ସେ ଚଢେଇମାନଙ୍କୁ ଦେଖି ତମର କାନ୍ଦ ବନ୍ଦ ହୋଇଯାଉଥିଲା। ସେମାନଙ୍କୁ ଦେଖି ଖେଳି ଖେଳି

ସମୟ କଟେଇ ଦେଉଥିଲେ। ଚଢେଇମାନେ ହେଲେ ନିଷ୍ପାପ, ନୀରିହ ଆମର ପ୍ରକୃତ ବନ୍ଧୁ। ସେ ଯଦି ଆମ ଘରକୁ ଆସିଛି। ତା' ହେଲେ ତା'କୁ ଆମେ ଅତିଥି ପରି ସେବା କରିବା ଆମର ଧର୍ମ। ଏଇ ନିର୍ଦ୍ଦୟ ମଣିଷ କିଛି ନ ବୁଝି ତାଙ୍କର ବଂଶ ଲୋପ କରିବାରେ ଲାଗିଛି। ତାହା ବନ୍ଦ ହେବା ନିହାତି ଆବଶ୍ୟକ।' 'ହଁ ମା' ତୁମେ ଯାହା କହିଲ ଏଇ ଟିକେ ଆଗରୁ ଏ ବଣି ଆମକୁ ତା' ବିଷୟରେ ସବୁକଥା କହିଛି। ଏ ଲୋକମାନେ ତା'କୁ ଆଉ ତା' ଭାଇମାନଙ୍କୁ କେମିତି ମାରି ଦେଉଛନ୍ତି। ସେ ବିଷୟରେ ମଧ୍ୟ ଇଏ ମୋତେ ସବୁକିଛି କହିଛି।' 'ଏତେ ସବୁ ତା' ପାଖରୁ ଶୁଣି ସାରିଲା ପରେ ବି ତୁ ତା'କୁ ମାରିବାକୁ ବସିଥିଲୁ ନାଇଁ ମା' ମୁଁ ତାକୁ ମାରିନଥାନ୍ତି। ତାକୁ ମୁଁ ଗୋଟେ ପିଞ୍ଜରାକରି ତା' ଭିତରେ ରଖିଥାନ୍ତି। ତା'କୁ ଖାଇବାକୁ ଦେଇଥାନ୍ତି। ତା ସହିତ ଖେଳିଥାନ୍ତି। ସେମିତି ବି ସିଏ ଯଦି ପିଞ୍ଜରାରେ ରହିବ ତା' ହେଲେ ତା'କୁ କେହି ମାରି ପାରିବେନି ମା'।' ସୋନୁର ଏଭଳି କଥା ତା'ମା'ଙ୍କୁ ଖୁବ୍ ଭଲ ଲାଗିଛି। କିନ୍ତୁ ପକ୍ଷୀମାନଙ୍କ ବା ସେଇ ଟିକେ ବଣିଟିକୁ ସୁରକ୍ଷା ଦେବା କଥା ଠିକ୍‌ଅଛି, ହେଲେ ସୋନୁର ବଣିକୁ ଆବଦ୍ଧ କରି ରଖିବା କଥା ମା'ଙ୍କୁ ଭଲ ଲାଗିନି। ତେଣୁ ସେ ସୋନୁକୁ ବୁଝେଇବାକୁ ଯାଇ କହିଛନ୍ତି, 'ଆଛା ସୋନୁ ତୋତେ ଗୋଟେ କଥା ପଚାରିବି ତୁ କହିବୁ। ହଁ ମା ମୁଁ ନିଶ୍ଚିତ କହିବି, ତା' ହେଲେ କହ ତୋ ମନ ହେଲେ ତୁ ଖାଉଛୁ, ତୋ ମନ ହେଲେ ତୁ ପଢୁଛୁ, ବୁଲୁଛୁ। ଯାହା ଇଛା ତାହା କରୁଛୁ। ଆଛା କହିଲୁ ଦେଖି ତୋତେ ଯଦି ମୁଁ ଗୋଟିଏ ଘରେ ବନ୍ଦ କରିଦେବି। ସେ ଘରେ ତୋତେ ଠିକ୍ ସମୟରେ ଖାଇବାକୁ ଦେବି, ପିଇବାକୁ ଦେବି। ତୋର କିଛି ଅସୁବିଧା ହେବନି। ସେହି ଘରେ ତୁ ଶୋଇବୁ, ସେହି ଘରେ ହିଁ ପଢିବୁ କୁଆଡେ ଯିବୁନାହିଁ। ସେଇ ଗୋଟିଏ ଘରେ ତୋତେ ବନ୍ଦ କରିଦିଆଯିବ। ଖେଳିବା ବୁଲିବା ତୋର ସବୁ ବନ୍ଦହେବ। ତୁ କେମିତି ରହିବୁ।'



'ନାଁ ମା ମୁଁ ଆଉ ଏକୁଟିଆ, ସେ ପୁଣି ବନ୍ଦଘରେ। ଖେଳିବା, ବୁଲିବା ସବୁବନ୍ଦ। ମୁଁ ବାହାରକୁ ଟିକେ ବୁଲିବାକୁ ଯାଇପାରିବିନି। ମୋ ସାଙ୍ଗମାନଙ୍କ ସହିତ ଖେଳିପାରିବିନି। ସେମିତି ମୁଁ ଜମା ରହିପାରିବିନି। କାହିଁକି ରହିପାରିବୁନି। ନା ମା' ମୋତେ ଭଲଲାଗିବନି', 'କାହିଁକି ଭଲ ଲାଗିବନି ?' 'ତମେ ତ କହିଛ ବାହାରର ପବନ। ବାହାରର ପ୍ରାକୃତିକ ସୌନ୍ଦର୍ଯ୍ୟ ଆମ ଦେହପାଇଁ କେତେ ଉପକାରୀ। ବାହାରେ ବୁଲିବା ଦ୍ୱାରା ମନ ପ୍ରଫୁଲ୍ଲ ରହେ ଓ ଦେହ ବି ସୁସ୍ଥ ରହେ। ଏବେ ବୁଝିଲୁ ତ ଆମେ ଯେମିତି ଆମ ଦେହ ଓ ମନ କଥା ଚିନ୍ତା କରୁଛୁ ସେମିତି ସେମାନେ ମଧ୍ୟ ସେମାନଙ୍କ ଦେହ ଓ ମନ କଥା ଚିନ୍ତା କରୁଥିବେ। ତେଣୁ ସେମାନଙ୍କୁ ସାଧୀନ ଭାବରେ ମୁକ୍ତ ଆକାଶରେ ଉଡିବାକୁ ଦିଅ। ସେମାନଙ୍କୁ ନ ମାରି ସେମାନଙ୍କ ସୁରକ୍ଷା କଥା ଚିନ୍ତା କରିବା ଉଚିତ୍। ହଁ ମା' ମୁଁ ବୁଝିଗଲି, ଏଥର ମୁଁ ସେମାନଙ୍କୁ ଆଉ ଆବଦ୍ଧ କରି ରଖିବି ନାହିଁ। ମୁଁ ବଡ ହେଲେ ସେମାନଙ୍କୁ ବଂଚେଇବା ପାଇଁ ସାହାର୍ଯ୍ୟ କରିବି।' 'ଯା' ଭାଇ ଯା' ରୋଷେଇ ଘରୁ ଚାଉଳ ଦିଟା ଆଣିବୁ। ଆମେ ତା'କୁ ଖାଇବାକୁ ଦେବା।'

ନୀଳାଦ୍ରୀବିହାର

କଟକ

# କୁଳାଙ୍ଗାର

ଡକ୍ଟର ନିରୋଦ କୁମାର ମନ୍ତ୍ରୀ

**ଜୀ**ବନକୁ ନେଇ ଅଙ୍କ କଷିବା ଖୁବ୍ କମ୍ ଲୋକଙ୍କ ଭାଗ୍ୟରେ ଆସିଥାଏ । କିନ୍ତୁ ଜୀବନକୁ ନେଇ ଆରାମ କରିବାକୁ ବହୁତ ଲୋକ ବ୍ୟସ୍ତ ହୋଇପଡ଼ିଥାନ୍ତି । ଯେତେବେଳେ ଜୀବନରେ କିଛି ଦୁଃଖ ଆସେ ସେତେବେଳେ ମନୁଷ୍ୟ ସତର୍କ ହୋଇଥାଏ, କିନ୍ତୁ କିଛି ସମୟ ପାଇଁ, ସେହି ସମୟ ଚାଲିଗଲେ ପୁଣି ନିଜର ପୂର୍ବ କାର୍ଯ୍ୟକଳାପରେ ମାତିଯାଇଥାଏ । ଶେଷରେ ଜୀବନର ଶେଷପର୍ଯ୍ୟାୟରେ ଅନୁତାପର ଅଗ୍ନିରେ ପୋଡ଼ିହୋଇ ଯନ୍ତ୍ରଣାରେ ଛଟପଟ ହୋଇଥାଏ । ଏମିତି ଏକ ଜୀବନକୁ ନେଇ ଷାଠିଏ ବର୍ଷର ବୃଦ୍ଧ ନରେଶ ବାବୁ ଆଖିରୁ ଲୁହଗଡ଼ାଇ ଚାଲିଛନ୍ତି । ସବୁକିଛିଥାଇ କିଛି ନଥିବାର ଅନୁଭବ କରନ୍ତି । ପୁଅ, ବୋହୂ, ନାତି, ନାତୁଣୀଙ୍କ ହସର ଶବ୍ଦରେ ଘର ଫାଟି ପଡୁଥାଏ । ମନେହୁଏ ସବୁକିଛି ହାତପାହାନ୍ତାରେ ପାଇପାରୁଛନ୍ତି । ଗୋଟିଏ ଘରେ ସୁଖ ଓ ଦୁଃଖ ବୋଧହୁଏ ସାଥି ହୋଇ ରହିଥାଏ । ଘରର ସମସ୍ତ ସଭ୍ୟ ତାଙ୍କୁ ଆଉ ଆଖିରେ ଚାହାନ୍ତିନି । କେବଳ ଚାକରାଣୀ ସମୟ ଅନୁସାରେ ଖାଇବାକୁ ଗଣ୍ଡେଦେଇ ଚାଲିଯାଏ । ତାହା ମଧ୍ୟ ସ୍ନେହରେ ନୁହେଁ କର୍ତ୍ତବ୍ୟ ଅନୁସାରେ । ଏ ସମସ୍ତ ଘଟଣା ତାଙ୍କୁ ଭାରି ଦୁଃଖଲାଗେ । କ'ଣ ବା କରିବେ ? ଶୁଖିଲା ଗଛ ଓ ବୃଦ୍ଧ ବ୍ୟକ୍ତି ମଧ୍ୟରେ କ'ଣ ବା ତଫାତ୍ ? ପକ୍ଷୀମାନେ ପତ୍ର, ଫୁଲଭରା ବୃକ୍ଷକୁ ଯେମିତି ଆଦର କରନ୍ତି ଶୁଖିଲା ଗଛକୁ ସେମିତି କରନ୍ତିନି । କ'ଣ ବା ଅଛି ସେ ଗଛରେ ! କେବଳ ମୃତ୍ୟୁ ଅପେକ୍ଷାରେ । କେବଳ କେତେଗୁଡ଼ିଏ ପକ୍ଷୀମାନଙ୍କର ମଳ ତ୍ୟାଗରେ ଗଛଟାସାରା ଧଳା ହୋଇଯାଇଥାଏ । କିନ୍ତୁ ଗଛ ଓ ମଣିଷ ମଧ୍ୟରେ ଅନେକ ତଫାତ୍ । ଗୋଟିଏ ନିଜ ଅନୁସାରେ କାର୍ଯ୍ୟକରେ ଅନ୍ୟଟି ପ୍ରକୃତିର ନିୟମ ଅନୁସାରେ କାର୍ଯ୍ୟକରେ ।

ପୁରୁଣା ଚୌକିରେ ବସି ଭାବିଚାଲିଥାନ୍ତି ନିଜ କିଶୋର ଜୀବନର କଥା - ନରେଶ ବାବୁ । ସେ ଥିଲେ ବାପା, ମା'ଙ୍କର ଏକମାତ୍ର ସନ୍ତାନ । ଯାହା ଅଳିକରିଛନ୍ତି ସବୁକିଛି ପାଇଥିଲେ ଶୈଶବରୁ ଯୌବନ ପର୍ଯ୍ୟନ୍ତ । କଲେଜରେ ପଢ଼ିବାବେଳେ ଯୌବନର ମାଦକତା ତାଙ୍କୁ ବେଶ୍ ସ୍ପର୍ଶ କରିଥିଲା । ନିଜ କ୍ଲାସର ରେଣୁକୁ ମନଦେଇ ଭଲପାଇଥିଲେ । ରେଣୁମଧ୍ୟ ତାଙ୍କୁ ଅନ୍ତରଦେଇ ଚାହିଁଥିଲେ । +୨ ପଢ଼ିବା ସମୟରେ ଉଭୟଙ୍କ ମଧ୍ୟରେ ନିବିଡ଼ ଭଲ ପାଇବା ଥିଲା । ଏଭଳି ଖିଆଲି ଅଭିପ୍ସା । ସେ ସମୟର ପିଲାଙ୍କ ମଧ୍ୟରେ ଆସିଥାଏ । ଯାହାଦ୍ୱାରାକି ନରେଶ୍ ପାଠପଢ଼ା ପ୍ରତି ଯେତିକି ଗୁରୁତ୍ୱ ଦେଉନଥିଲେ, ଗୁରୁତ୍ୱ ଦେଉଥିଲେ ଭଲ ପାଇବାକୁ ।

ନୂଆନୂଆ ଫୁଲ୍‌ପ୍ୟାଣ୍ଟ ସାର୍ଟ ପିନ୍ଧା, ତା' ସାଙ୍ଗକୁ ବାଇକ୍ । ତାଙ୍କ ମନ ଆକାଶ ଛୁଉଁଥିଲା । ଜୀବନକୁ ନେଇ ଅୟେସରେ କାଟନ୍ତି ନରେଶ୍ । ଶ୍ରେଣୀକକ୍ଷରେ ଅନେକ ବାର ଅନୁପସ୍ଥିତ ନେଇ ଅଧ୍ୟାପକଙ୍କ ଠାରୁ ଗାଳି ଶୁଣିଛନ୍ତି । ତଥାପି ଦୁଃଖନଥିଲା । କାରଣ ଭଲପାଇବାର ଗୁରୁତ୍ୱ ସାମ୍ନାରେ ଗାଳି ଅମୃତତୁଲ୍ୟ ମନେହୁଏ । ତାଙ୍କ ମତରେ "ଭଲପାଇବା କାହାଭାଗ୍ୟରେ ଆସେ ! ଅନେକ ପିଲା କଲେଜ ଆସନ୍ତି କିନ୍ତୁ ଭଲ ପାଆନ୍ତି କେତେଜଣ ? ହାତଗଣତି ଚାରିପାଞ୍ଚ ଜଣ ହେବେ ।"

ପ୍ରେମିକାକୁ ନେଇ ପାର୍କ ବୁଲିବା, ଫିଲିମ୍ ଦେଖିବା, ଘଣ୍ଟା ଘଣ୍ଟା ଧରି ଗପିବାରେ ଯେଉଁ ଆନନ୍ଦ ମିଳେ, ତାହାକ'ଣ ପାଠପଢ଼ାରେ ଥାଏ ? ପାଠପଢ଼ାଟା ଭାରିବୋରିଂ, କଷ୍ଟ ମଧ୍ୟ । ସବୁବେଳେ ବହିପଢ଼ିବା, ପ୍ରାକ୍ଟିସ୍ କରିବା, ପରୀକ୍ଷା ଦେବା, କିନ୍ତୁ ଭଲପାଇବାରେ ସେ ସମସ୍ତ ନଥାଏ । ଏଭଳି ଏକ ଖିଆଲି ମନନେଇ କଲେଜ କ୍ୟାରିଅର ଆରମ୍ଭ କରନ୍ତି ନରେଶ୍ । ଯେଉଁ ଶିକ୍ଷକ ପାଠପଢ଼ା ବାବଦରେ କିଛି କୁହନ୍ତି । ତାଙ୍କ ଉପରେ ନରେଶ ରାଗିଉଠେ । ମନେ ମନେ ଚିନ୍ତାକରେ -

—ଏ ମାଷ୍ଟର କ'ଣ ଯାଏ ଆସେ ! ପାଠପଢ଼ାଇବାକୁ ଆସିଛି, ପଢ଼ାଇଯିବ । ଜୀବନକୁ ନେଇ ଏତେ ଅଙ୍କ କଷୁଛି କ'ଣ ? ଭାରି ବାଜେ ମାଷ୍ଟ୍ରଟା !

ଏମିତି ଅନେକ କ୍ରୋଧନେଇ ପାଠପଢ଼ନ୍ତି, କିନ୍ତୁ ଅଧ୍ୟାପକ ଜଣକ ବାରମ୍ବାର ବୁଝାନ୍ତି -

– ଦେଖପିଲେ ! ଜୀବନର ଏହି ଛଅବର୍ଷ ଯଦି କଷ୍ଟ କରିବ ତେବେ ଅବଶିଷ୍ଟ ଜୀବନ ବେଶ୍ ଖୁସିରେ କାଟି ପାରିବ । ନଚେତ୍ ଜୀବନଟା ଭାରିକଷ୍ଟ ହେବ । ସବୁବେଳେ

ବାପା, ମା'ଙ୍କ ସମ୍ମତି ନଥିବ । ସବୁବେଳେ ବାପା, ମା' ନଥିବେ । ତୁମେ ଘର ସଂସାର କଲେ ତୁମ ପିଲାମାନେ ଆଡ଼ ଆଖିରେ ଚାହିଁବେ ନାହିଁ । ସମସ୍ତେ ଘୃଣା କରିବେ । ସେତେବେଳେ ଯେଉଁ ଦୁଃଖ ଆସିବ । ତାହା କଳନା କରିପାରିବନି ।

ଅଧ୍ୟାପକଙ୍କ କଥାଗୁଡ଼ିକ ପ୍ରତି ଖାତିର ନଥାଏ ନରେଶର । ମନେ ମନେ ଚିନ୍ତାକରେ ବହୁତ ଭାଷଣ ଦେଉଛି । ଏ ସମସ୍ତ ଭାବି ନିଜ କାର୍ଯ୍ୟରେ ବ୍ୟସ୍ତ ହୋଇପଡ଼େ, ପରୀକ୍ଷା ଆସିବାରୁ କିଛି ସମୟ ପଢ଼ି ଅବଶ୍ୟ ପାସ୍ ହୋଇଯାଏ । ଯେମିତି ଅନେକ ପିଲାପାସ୍ କରନ୍ତି । ଏମିତି ଗଡ଼ିଚାଲିଲା ପାଠପଢ଼ା ବି.ଏ. ସି. ପର୍ଯ୍ୟନ୍ତ । ଏହି ସମୟରେ ରେଣୁ କିନ୍ତୁ ପାଖରେ ନଥାଏ । ରେଣୁ ଭଲ ନମ୍ବର ରଖି ଇଞ୍ଜିନିୟରିଂ ପଢ଼େ ସହରରେ । ଭଲପାଇବାର ପୂର୍ଣ୍ଣଚ୍ଛେଦ ପଡିଯାଏ । କିନ୍ତୁ କଲେଜ କ୍ୟାରିଅରରେ ଭଲପାଇବାର ଅଭାବନଥାଏ । ଯେ ଚାହେଁ ତାକୁ ମିଳିଯାଏ, ସେବି ଟାଇମ୍ ପାସ୍ । ବର୍ଷେ ସରିଗଲେ ଭଲ ପାଇବା ଶେଷ । ଯେମିତି ଟ୍ରେନ୍ ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପୂର୍ବରୁ ଅନେକ ପ୍ଲାଟଫର୍ମ ଦେଇଯାଏ, ଠିକ୍ ସେହିପରି କଲେଜ କ୍ୟାରିଅର୍‌ର ଭଲପାଇବା ।

ନରେଶ ନିଜର ତୃତୀୟ ଶ୍ରେଣୀର ସାର୍ଟିଫିକେଟ୍ ଧରି ଅନେକ ବାର ଦୌଡ଼ିଛି ଚାକିରୀ ଖଣ୍ଡେ ଆଶାରେ । କିନ୍ତୁ ଯେଉଁଠି ଫାଷ୍ଟକ୍ଲାସ୍ କ୍ୟାରିଅରଧାରୀ ଗଦାଗଦା ସେଠି ଆକୁ ପଚାରେ କିଏ ? ସେଇଠୁ ଭାବେ କ୍ୟାରିଅର ଓ ଜୀବନର କଥା । ଦୁଃଖରେ ଭାଙ୍ଗିପଡେ, କ'ଣ ବା ଲାଭ ? ସମୟ କ'ଣ ଫେରିଆସିବ ?

ଏମିତି ଚାକିରୀ ପାଇଁ ଅନେକବାର ଦୌଡ଼ି ଦୌଡ଼ି ନୟାନ୍ତ ହୋଇଯାଏ । ଶେଷରେ ବାପା, ମା' ସ୍ଥିର କରନ୍ତି ବିବାହ ବନ୍ଧନରେ ବାନ୍ଧିଦେବା ପାଇଁ । କିନ୍ତୁ ନରେଶ୍ ମନାକରେ । ତଥାପି ବାପା, ମା'ଙ୍କ ହୃଦୟ ସହଜେ ମାନେନି ! ପୁଣି ଏକମାତ୍ର ପୁଅ, କୁଳରକ୍ଷା ହେବ କେମିତି ? ଶେଷରେ ଏକ ଦୋକାନ ଦିଏ ନରେଶ୍ । ବିବାହଶେଷ ହୋଇଯାଏ । ସୁନ୍ଦର ତରୁଣୀ ନୀଳିମା ଘରକୁ ଆସନ୍ତି, କିନ୍ତୁ ନରେଶ୍ ମନରେ ଖୁସିନଥାଏ । ଅବିବାହିତ ସମୟର ପ୍ରେମ ଏବଂ ବିବାହିତ ସମୟର ଘର ସଂସାର ମଧ୍ୟରେ ଅନେକ ତଫାତ୍ । ଯାହାହେଉ ବାଧ୍ୟହୋଇ ସଂସାରରେ ମାତିଯାଏ ନରେଶ୍ । ଦୁଇପୁଅର ପିତା ରୂପେ ପରିଚିତ ହୁଅନ୍ତି ।

ଛୋଟପିଲାମାନଙ୍କୁ ପାଠପଢ଼ାଇବା ପାଇଁ ଆଜିକାଲି ସ୍କୁଲର ଦରମା ଶୁଣି ନରେଶ୍ ଦବିଯାଏ । କିନ୍ତୁ ତାଙ୍କ ବାପା ନିଜ ନାତି ଦୁହିଁଙ୍କୁ ପାଠ ପଢ଼ାଇବା ପାଇଁ ନିଜ ବ୍ୟାଙ୍କ ଜମାରୁ ଟଙ୍କା ଆଣି ଖର୍ଚ୍ଚ କରନ୍ତି । ଯଦିଓ ଏ ସମସ୍ତ ଦେଖିଲେ ଦୁଃଖ ଲାଗେ, ତଥାପି କରିବେ ବା କ'ଣ ? ପିଲାମାନଙ୍କର ପାଠପଢ଼ା ଆରମ୍ଭ ହୁଏ । ଯଦି ପିଲାମାନେ ଦୁଷ୍ଟ ହୁଅନ୍ତି ନରେଶ୍ ନିଜ ପିତୃତ୍ୱର ଅଧିକାରରେ ଗାଳିଦିଏ ! କିନ୍ତୁ ଥରେ ବଡ଼ପୁଅ ଉତ୍ତର ଦେଲା-

– ବାପା ! ଆପଣ କାହିଁକି ଆମକୁ ଟିକିଏ ଟିକିଏ କଥାରେ ଗାଳିଦେଉଛ । ଆପଣଙ୍କ ପଇସାରେ ଆମେ କ'ଣ ପାଠ ପଢୁଛୁ ? ଆମେତ ଆମ ଜେଜେବାପାଙ୍କ ପଇସାରେ ପଢୁଛୁ ।

ପୁଅର ଏକଥା ପଦକ ନରେଶଙ୍କୁ ଶକ୍ତ ଚାବୁଡ଼ା ପରି ଲାଗେ । ବନ୍ଦ ହୋଇଯାଏ ପିତୃତ୍ୱ ପଣିଆ । କାନମୁଣ୍ଡା ଭେଁ ଭେଁ ହୋଇଯାଏ । ଅଙ୍କ କଷି ଚାଲିଥାନ୍ତି ପୂର୍ବ ଜୀବନକୁ ନେଇ । ସବୁଠି କେବଳ ଅସଫଳ । ଆଖିଲୁହ ଆଖିରେ ମାରି ରହିଯାଆନ୍ତି । ପିଲାମାନେ ବଡ଼ହେଲେ, ଚାକିରୀକଲେ, ବାହା ସାହା ହେଲେ, ତାଙ୍କର ପିଲାଛୁଆ ହେଲେ । ସମୟ ଗଡିଗଡ଼ି ବର୍ତ୍ତମାନ ନରେଶ ୬୦ବର୍ଷରେ । ଫେରିଆସନ୍ତି ନିଜ ସମୟକୁ । ଆଖି ଲୁହରେ ଭିଜିଯାଇଥାଏ ପିନ୍ଧିଥିବା କାମିଜ୍ ଖଣ୍ଡକ । ଖୋଜି ବୁଲୁଥାନ୍ତି ନିଜ କଲେଜ କ୍ୟାରିଅରକୁ । ଅପର ଘରୁ ଶୁଣାଯାଉଥାଏ, ନାତି କହୁଥାଏ -

– ବାପା ! ଜେଜେବାପାଙ୍କୁ ଆମ ଖୁସିରେ ସାମିଲ୍ କରୁନ କାହିଁକି ? ସେ ଏକୁଟିଆ ହୋଇ ସେ ପାଖେ ବସିଛନ୍ତି ।

– ଛାଡ଼୍ ତାଙ୍କ କଥା ! ସେ ହେଉଛନ୍ତି ଜଣେ କୁଳାଙ୍ଗର, ତାଙ୍କର କ'ଣ ଖୁସି ?

– ବାପା ! କୁଳାଙ୍ଗର ମାନେ କ'ଣ ?

– ଏହାର ଅର୍ଥ ହେଉଛି ନିଜ କୁଳ ବା ବଂଶ ପାଇଁ ସେ ହେଉଛନ୍ତି ଅଯୋଗ୍ୟ ।

ବାପା, ପୁଅଙ୍କ କୁଳାଙ୍ଗର ଶବ୍ଦର ଅର୍ଥ ନରେଶଙ୍କୁ ତୀକ୍ଷ୍ଣ ଶରାଘାତ ପରି ମନେହେଉଥାଏ । ଭିତରର କୁଳାଙ୍ଗାର ଜୀବନଟି ଛଟପଟ ହେଉଥାଏ । ଖୋଜିବୁଲୁଥାନ୍ତି ପୁଣି ସେହି ଛାତ୍ର ଜୀବନକୁ । ଯାହା ଖୋଜିଲେ କେବଳ ଆକାଶ କୁସୁମ ।

ଓଡ଼ିଆ ଅଧ୍ୟାପକ

# ଅବାସ୍ତବ ଆଧୁନିକତା

ପ୍ରଜ୍ଞା ପରିମିତା

**ସମୟ ବଦଳୁଛି**, ମଣିଷ ବଦଳୁଛି, ଦୁନିଆ ବଦଳୁଛି, **ଆଉ ବାକି ରହିଲି ମୁଁ** । କେତେ ଥର ଭାବିଛି, ମୋ **ଭିତରେ ପରିବର୍ତ୍ତନ** ' ଆଣିବା ପାଇଁ । ଏଇ **ପୁରୁଣାକାଳିଆ ରୀତିନୀତି** ଧରି କେତେ ଦିନ ବସିଥିବି । ଭାବିଥିଲି **ଏ ଧୋତି, ପଞ୍ଜାବିକୁ** ଛାଡ଼ି, ଆଧୁନିକ **ପ୍ୟାଣ୍ଟ , ସାର୍ଟ ପିନ୍ଧିବି ଏବଂ** ଏ ସାଇକେଲ ଛାଡ଼ି ଗୋଟିଏ **ମଟର ସାଇକେଲ କିଣିବି** । ଯେତିକି ବି **ରୋଜଗାର, ଅଳ୍ପ ସେଥିରେ** ଏ ସମସ୍ତ ଜିନିଷ **ହୋଇ ପାରିବ, କିନ୍ତୁ** ମୋ ମନ ବଦଳୁନି । **ରାତିରେ ବସି** କେତେ ଭାବେ, **ମୋ ସ୍ତ୍ରୀ ଏ ବିଷୟରେ** କେତେ ଯେ **ଉଦାହରଣ ଦିଏ, ସେ** ଦାସବାବୁ ଦେଖ **କେତେ ସୁନ୍ଦର ଦେଖାଯାଉଛନ୍ତି** ଆଉ **ଅନେକ ଲୋକଙ୍କ ଉଦାହରଣ** ଦିଏ । ମତେ **ଲାଗେ ଯେମିତି ସମସ୍ତେ** ମୋର ଶତ୍ରୁ । **କାରଣ** ମୋର ଏଇ **ପୁରୁଣାକାଳିଆ ଅଭ୍ୟାସ ଯୋଗୁ** ମତେ **କେତେଥର ମୋ ସ୍ତ୍ରୀ ପାଖରେ** ଛୋଟ ହେବାକୁ **ପଡ଼ିଯାଏ । ଆଜି କିନ୍ତୁ** ଆଉ ହେବ **ନାହିଁ, ଯାହା ହେଲେ** ବି ମୁଁ ମୋର ଏ ପ୍ରକୃତି ଛାଡ଼ିଦେବି, **ଆଉ ସବୁକଥା ଯାଇ** ମୋ ସ୍ତ୍ରୀକୁ କହିଦେବି । ସମସ୍ତ **ଶକ୍ତି ସାଉଁଟି କରି** ମିନତୀ ପାଖରେ ବସିଲି, ତାକୁ ଗୋଟି **ଗୋଟି କରି ସବୁ କହିଦେଲି** । ଭାବିଲି ସେ ବହୁତ ଖୁସି **ହୋଇଯିବ । କିନ୍ତୁ ତା ମୁହଁରେ** କୌଣସି ଉତ୍ସୁକତା ନଥିଲା । **ସେ କହିଲା ତମେ ଯେମିତି** ଅଛ ପ୍ରାଠିକ୍ । ମୁଁ ଆଗରୁ **ବୁଝିଥିଲି । ଆଜି କାଲିର** ଆଧୁନିକ ଜୀବନରେ ମଣିଷର **ମନୁଷ୍ୟତା ନାହିଁ** । **ମଣିଷର** ଚାଲି ଚଳଣି, ରହିବା ଖାଇବାର **ପରିବର୍ତ୍ତନ ରେ ତାକୁ** ରୋଗ ଗ୍ରାସ କରୁଛି ।

**ଏଇ ବେଳେ ମୁଁ** ସେ ଦାସ ବାବୁଙ୍କ ଉଦାହରଣ ତମକୁ **ସବୁବେଳେ ତମକୁ ଦେଉଥିଲି** । କିନ୍ତୁ ଜାଣିଛ, ତାଙ୍କ ଛୋଟ ସଂସାର ଭିତରେ ଅଧିକ ଖର୍ଚ୍ଚ ଯୋଗୁଁ ଦାସ ବାବୁ ବିଭିନ୍ନ ଉପାୟରେ ଟଙ୍କା ରୋଜଗାର କରୁଥିଲେ । କାଲି ତାଙ୍କର ଅନେକ ଅର୍ଥ ବୁଡ଼ିଯିବାର ଶୁଣି ତାଙ୍କର ହାର୍ଟଷ୍ଟ୍ରୋକ୍ ହୋଇଛି । ଆଉ ସେ ଆଧୁନିକତା ନାହିଁ । ବାବୁ ଏବେ ଘରେ ବସିଛନ୍ତି ଏବଂ କଥା କହିପାରୁନାହାଁନ୍ତି । ବୁଝିଲ ଶ୍ରୀମତୀ ଆଜିଯାଏ ତମେ ବୋକାଥିଲ, କିନ୍ତୁ ଆଜି ପୁରା ଚାଲାଖ୍ । ଗୋଟିଏ କଥା ମନେରଖ, ଆମର ପାଞ୍ଚ ପଇସାର ମୁଣ୍ଡ ଆମେ ପାଞ୍ଚ ପଇସାରେ ଚଳିବା, ଯଦି ଅଧିକ ଲୋଭ କରିବା ଏହି ଅସୁବିଧା ହେବ । ଆଉ ଗୋଟିଏ କଥା, ଆମେ ମଣିଷ ପ୍ରକୃତିର ସନ୍ତାନ, ପ୍ରକୃତି ଆମକୁ ଲାଳନ, ପାଳନ କରୁଛି । ଆମେ ତା'ଠାରୁ ଦୂରେଇ ଗଲେ କି ଲାଭ ପାଇବା ? ଆଜି ଆମ ଦେଶକୁ ଡାଇବେଟିସ୍ କ୍ୟାପିଟାଲ୍ ବୋଲି କୁହାଯାଉଛି । ତା'ର ମୁଖ୍ୟ କାରଣ ଆମ ମଣିଷ, ଆମ ସଂସ୍କୃତିକୁ ଛାଡ଼ି ପାଶ୍ଚାତ୍ୟ ସଂସ୍କୃତିକୁ ଆପଣେଇଛନ୍ତି । ଆଧୁନିକତା ନାଁରେ ଏ ମଣିଷଗୁଡ଼ିକ ନିଜର ତଥା, ସମାଜର ଅନେକ କ୍ଷତି କରୁଛନ୍ତି । ଆଜି ସମୟ ଆସିଛି ପରିବର୍ତ୍ତନ 'ର । ଏହି ପରିବର୍ତ୍ତନ ମଣିଷଭିତରେ ସଚେତନତା ଆଣିଦେବ । ଆମେ ପାଶ୍ଚାତ୍ୟ ସଂସ୍କୃତି ଓ ସଂସ୍କାରକୁ ଛାଡ଼ି ଆମ ସଂସ୍କୃତିର ସବୁ ଭଲ ଆଦର୍ଶକୁ ଆପଣେଇବା ସୁସ୍ଥ ଏବଂ ନିରାମୟ ସମାଜ ଗଢ଼ିବା । ତମେ ଯାହା କୁହପଛେ ତମ ବୁଦ୍ଧି ସମସ୍ତଙ୍କ ଠାରୁ ଅଧିକ, ଆଜି ମୁଁ ମାନିଲି । ଯାହାହେଉ ଦୀର୍ଘ କୋଡ଼ିଏ ବର୍ଷ ବୈବାହିକ ଜୀବନ ପରେ ଆଜି ମତେ ତମେ ନିଜର କରିପାରିଲ । ହଉ ହେଲା ଆସ ଖାଇବ, ଚାଲ.... କଥା ସେତିକି ଥାଉ. .... ।



ତାରିଣୀ ଗଡ଼ା, ପାରାଦ୍ୱୀପ

# ମଉଳା ଫୁଲର ବାସ୍ନା

ସୌଦାମିନୀ ଦାସ

ଟା ଙ୍କୁଡ଼ାଏ ମଲ୍ଲିଫୁଲ ତୋଳି ସଅଳ ସଅଳ ମନ୍ଦିରକୁ ବାହାରିଥାଏ ବିନୋଦିନୀ । ଫୁଲର ବାସ୍ନାରେ ଚାରିଆଡ଼େ ମହକି ଉଠୁଥାଏ । ମନେ ହେଉଥାଏ ଫୁଲଗୁଡ଼ିକ ଈଶ୍ୱର ପ୍ରାପ୍ତିର ମୂଳହେତୁ । ମନ୍ଦିରରେ ନନା ଧୂପଦୀପ ଦେବା ଆଗରୁ ଫୁଲ ନେଇ ପହଞ୍ଚିଗଲେ ଫୁଲ ଲାଗି ହେବ । ସେ ଫୁଲର ମାଳାଟିକୁ ମନଦେଇ ଗୁନ୍ଥିଥାଏ । ବୟସ କୋଡ଼ିଏ । ଚଗଲା ଯୋଗୁଁ ବହୁବାର ବାପା, ମା' ସାଇପଡ଼ିଶାଙ୍କ ଠାରୁ ଗାଳି ଶୁଣିଛି । ଗାଳିକୁ ଚନ୍ଦନ ଭଳି ଲେପି ଚାଲିଛି ସବୁଦିନ । ସକାଳ ହେବା ବେଳକୁ କାହାବାଡ଼ିରେ ଫୁଲ ନଥାଏ, ସମସ୍ତେ ସେଥିପାଇଁ ଗାଳି ଦିଅନ୍ତି । ସେ ଭାବି ନେଇଛି, ଫୁଲ ତ ଫୁଟେ ଈଶ୍ୱରଙ୍କ ପାଇଁ । ମନ୍ଦିରର ନନା ତା' ଉପରେ ବେଶ୍ ଖୁସି । ସବୁ ସମୟରେ ତା'ର ସଜଫୁଲରେ ଠାକୁର ଉଜ୍ଜ୍ୱଳ ଦେଖାଯାଆନ୍ତି । ଫୁଲତକ ମନ୍ଦିରରେ ଦେଇ ଘରକୁ ଫେରିଛି ବିନୋଦିନୀ । ଘରେ ସମସ୍ତେ ବ୍ୟସ୍ତ । ଘରର ବ୍ୟସ୍ତତା ଦେଖି ବିନୋଦିନୀ ନିଜ ସାନଭଉଣୀ ସରୋଜିନୀକୁ ପଚାରିଲା- ଘରେ ଏଭଳି ବ୍ୟସ୍ତ କାହିଁକି ?

– ତୁମରି ପାଇଁ !

– ମୋ ପାଇଁ !

– ହଁ, ତୁମକୁ ଆଜି ଦେଖିବାକୁ ଆସିବେ ।

ଏଇ ପଦକ କଥା ବିନୋଦିନୀ ସାନଭଉଣୀଠାରୁ ଶୁଣି ଆଶ୍ଚର୍ଯ୍ୟ ହୋଇଗଲା । ମନେ ମନେ ଚିନ୍ତାକଲା, ଏ କ'ଣ ମୋତେ ନ ପଚାରି ଏଭଳି ନିଷ୍ପତ୍ତି ନେବା ଠିକ୍ ନୁହେଁ । ବିନୋଦିନୀର ବ୍ୟସ୍ତତା ଦେଖି ସାନଭଉଣୀର ଖୁସି ହଠାତ୍ ଦବିଗଲା । ସାନ ଭଉଣୀ, ବିନୋଦିନୀକୁ ଦୁଃଖର କାରଣ ପଚାରିବାରୁ ସେ କିଛି ନ କହି କେବଳ ଦୁଇଟୋପା ଲୁହ ଗଡ଼ାଇଲା । ସେତେବେଳେପରି ବହୁଦିନରୁ ଲୁହଗୁଡ଼ାକ ବରଫଭଳି ଜମାଟ ବାନ୍ଧିଥିଲା । ପାଖରେ ପଡ଼ିଥିବା ଚେୟାର ଉପରେ ଲଥିକିନା ବସିପଡ଼ିଲା ବିନୋଦିନୀ । ମନ୍ଦିରରୁ ଆସିଥିବା ଖୁସି ଚେହେରାଟା କେମିତି ମଉଳିଯିବା ପରି ଦେଖାଗଲା । କ'ଣ ଭାବିଲା କେଜାଣିସେ କହିଲା - ଆଚ୍ଛା ସରୋଜିନୀ ! ଈଶ୍ୱରଙ୍କ ପାଇଁ ମଉଳା ଫୁଲ କ'ଣ ଯୋଗ୍ୟ ?

– ନା ! ଏହା ଅସମ୍ଭବ । ଈଶ୍ୱର ସଜଫୁଲରେ ପୂଜା ପାଆନ୍ତି । ସଜ ଫୁଲରେ ସୁଗନ୍ଧରେ ମନ୍ଦିର ପୂରିଉଠେ ।

– ତେବେ

– ତୁମେ କ'ଣ କହୁଛ ମୁଁ ବୁଝି ପାରୁନି ।

ବିନୋଦିନୀ ନିଜ ମନ ମଧ୍ୟରେ ବହୁଦିନରୁ ଚାପିରଖିଥିବା ନିଜର ଦୁଃଖକୁ ଅଟକାଇ ପାରିଲାନି । ମନେ ହେଉଥାଏ ପୁରିଲାନଦୀ ବନ୍ଧବାଡ଼ ଭାଙ୍ଗି ସବୁ କିଛି କ୍ଷତି କରିଚାଲିବ । ଶେଷକୁ ସେ ସରୋଜିନୀର ବାଧ ବାଧକତାରେ ନିଜ ଜୀବନର ସଜଫୁଟା ବୟସର କଥା କହି ଚାଲିଲା ।

ସବୁଦିନ ଭଳି ବେଶ୍ ଚଳଚଞ୍ଚଳ ଥାଏ ବିନୋଦିନୀ । ନବମ ଶ୍ରେଣୀରେ ପଢୁଥାଏ । ଭଲ ପଢ଼େ ବୋଲି ସ୍କୁଲ ଓ ପରିବାରରେ ସମସ୍ତେ ଆଦର କରନ୍ତି । ସ୍କୁଲର ଗଣିତ ଶିକ୍ଷକ ଚନ୍ଦନ ସାର୍ ତାକୁ ଅଧିକ ଆଦର କରନ୍ତି । କାରଣ ସେ ଭଲ ନମ୍ବର ରଖି ଶ୍ରେଣୀରେ ପ୍ରଥମ ହୁଏ । ସେ ଚନ୍ଦନ ସାର୍‌ଙ୍କ ପାଖକୁ ଟ୍ୟୁସନ ହେବାକୁ ଯାଏ । ସବୁ ପିଲାମାନଙ୍କ ମଧ୍ୟରୁ ତାକୁ ସାର୍ ଭଲ ପାଉଥିବାରୁ, ବିନୋଦିନୀ ଅନ୍ୟ ପିଲାମାନଙ୍କର ଥଟ୍ଟା, ମଜାର ଶିକାର ହୋଇଛି ବହୁତ ଥର । କିନ୍ତୁ ସେସବୁ ପ୍ରତି ତା'ର ଖାତିର ନଥାଏ । ପାଠ ପଢ଼ା ଉପରେ ସେ ଗୁରୁତ୍ୱ ଦିଏ । ସରଳ, ନିଷ୍ପାପ ହୃଦୟୀ ବିନୋଦିନୀ, ଚନ୍ଦନ ସାର୍‌ଙ୍କୁ ଈଶ୍ୱରଙ୍କ ଭଳି ଭକ୍ତି କରିଥାଏ । ସେ ଦିନଥାଏ ପୂର୍ଣ୍ଣିମା । ହଠାତ୍ କେଉଁ ଆଡ଼ୁ ଖଣ୍ଡେ କଳା ବାଦଲ ନୀଳ ଆକାଶ ଉପରେ ଲଦି

ହୋଇଯାଉ ଅଣନିଃଶ୍ୱାସୀ କରି ପକାଇଲା । ତୁହାକୁ ତୁହା ଗାଜି ପକାଇଲା ବର୍ଷା । ସମ୍ପୂର୍ଣ୍ଣ ଭିଜିଯାଇଥାଏ । ବର୍ଷାହେବାରୁ ଅନ୍ୟ ପିଲାମାନଙ୍କର ଦେଖା ନଥାଏ, ସେ ଯାଇ କବାଟ ଠକ୍ ଠକ୍ କରିବାରୁ ଚନ୍ଦନ ସାର୍ କବାଟ ଖୋଲିଲେ, ବିନୋଦିନୀ ଘର ଭିତରକୁ ପଶିଆସିଲା । ତା'ର ବର୍ଷାଭିଜା ଚେହେରା ଦେଖି ଚନ୍ଦନ ସାର୍ ନିଜର ଆନ୍ତରିକ ପ୍ରବୃତ୍ତିକୁ ଲଗାମ୍ ଦେଇପାରି ନଥିଲେ ।

ଏଇ କେଇପଦ କଥା କହି ତା' ଆଖିରୁ ଲୁହ ବୁନ୍ଦାବୁନ୍ଦାକ ଝରି ଚାଲିଥାଏ । ସାନ ଭଉଣୀ ମଧ୍ୟ ବଡ଼ ହୋଇଗଲା ପରେ ବୃକ୍ଷର ସ୍ଥିତିପରି ଠିଆ ହୋଇଥାଏ । ସାନ ଭଉଣୀ ବୁଝାଇଦେଲା, କିନ୍ତୁ ବିନୋଦିନୀ ବିବାହ ପାଇଁ ରାଜି ହେଲା ନାହିଁ । ସେ ଚିନ୍ତା କଲା ଯଦି ଏ ବିବାହ ପ୍ରସ୍ତାବକୁ ମନା କରିଦିଏ, ତେବେ ବାପା, ମା'ଙ୍କ ମନରେ ଦୁଃଖ ଆସିବ । ଶେଷରେ ବାଧ୍ୟହୋଇ ହଁ କଲା ।



ଦେଖିବାପାଇଁ ସେଦିନ ପୁଅ ଆସିବାର ଥାଏ । ଘରେ ବାପା, ମା'ଙ୍କ ଗୋଡ଼ ତଳେ ପଡ଼ୁ ନଥାଏ । କ ହେବ କିପରି, ବଡ଼ିଝିଅ ଯେତେ ଶୀଘ୍ର ଘର ସଂସାର କରିବ ! ବାପା, ମା'ଙ୍କର ଖୁସି । କ ହେଲେ ଗାଆଁରେ ନୂପୁର ଟାପର । ବିଭିନ୍ନ ଉନ୍ନତ ଖାଦ୍ୟ ପଦାର୍ଥ ଦ୍ୱାରା ପ୍ଲେଟଟି ସଜ୍ଜିତ ହୋଇଥାଏ । ପୁଅ ଓ ତା'ବନ୍ଧୁ କିଛି ଖାଦ୍ୟ ଖାଇଲା ପରେ ବିନୋଦିନୀ ଘର ଭିତରକୁ ଆସିଲା । ପୁଅ ପ୍ରଦୀପ, ବିନୋଦିନୀକୁ ନିଜର ନାମ, ଜନ୍ମତାରିଖ ଏବଂ ଶିକ୍ଷାଗତ ଯୋଗ୍ୟତା ପଚାରିବା ପରେ ବିନୋଦିନୀକୁ ପଚାରିବା ପାଇଁ କହିଲେ । ପ୍ରଦୀପ୍ ଓ.ଏ.ଏସ୍. ଅଫିସର । ବିନୋଦିନୀ ବିଷୟରେ ପୂର୍ବରୁ ଶୁଣିଛି । ଭାବିଥିଲା, ଗୋଟିଏ ଚାଉଳରେ ଗଢ଼ା । କିନ୍ତୁ ବିନୋଦିନୀ ମଧ୍ୟରେ ଅତୀତର ସ୍ମୃତି ନାଗସାପଭଳି ଦଂଶିବାର ଲାଗିଥାଏ । ନିଜର କୋହ ସମ୍ଭାଳି ନ ପାରି କହିଲା - ଆଜ୍ଞା ! ମଉଳା ଫୁଲର କ'ଣ ବାସ୍ନା ଥାଏ ।

ବିନୋଦିନୀର ଏ ପଦକ କଥା ଶୁଣି ପ୍ରଦୀପ୍ ଆଶ୍ଚର୍ଯ୍ୟ ହୋଇଗଲା । ସେ ମନେ ମନେ ଚିନ୍ତା କରୁଥାଏ ଝିଅଟି ନିଜର ଅତୀତର କଳଙ୍କିତ ଅଧ୍ୟାୟକୁ ମଧ୍ୟ ପ୍ରକାଶ କରିବାକୁ ପଛାଉ ନାହିଁ । ଅପର ପାର୍ଶ୍ୱରେ ନିଜର ଯୁବକପଣିଆ ଧିକ୍କାର କରୁଥାଏ" ଇସ୍ ଏଟା - କଳଙ୍କିନୀ ।" ଶେଷରେ ପ୍ରଦୀପ୍ ଉତ୍ତର ଦେଲା - ମଉଳା ଫୁଲରେ ସମସ୍ତ ପର୍ଫ୍ୟୁମ୍ ତିଆରି ହୋଇଥାଏ ଜାଣନ୍ତି । ତା'ର ମହକ କେଡ଼େ ପବିତ୍ର ।

ତା'ପରେ ପ୍ରଦୀପ୍ ଏବଂ ତାଙ୍କର ବନ୍ଧୁ ଚାଲିଯାଆନ୍ତି । ଶେଷରେ ପ୍ରଦୀପ୍, ବିନୋଦିନୀକୁ ବିବାହ ପାଇଁ ନିଜ ବାପା, ମା'ଙ୍କୁ କହିଥାଏ । ବିବାହ ଦିନ ସ୍ଥିର ହୁଏ । ବହୁ ଜାକଜମକରେ ବିବାହ ଶେଷ ହୋଇ ବିନୋଦିନୀ, ପ୍ରଦୀପ ଘରକୁ ବୋହୂହୋଇ ଯାଏ; କିନ୍ତୁ ତା'ମନରେ ସବୁବେଳେ ଭୟ । ପ୍ରଦୀପ୍ ତାକୁ ଅଧାବାଟରେ ଧୋକ୍କା ଦେବନି ତ ! ଦିନେ ହଠାତ୍ ପ୍ରଦୀପ୍ କହିଲେ - ତୁମକୁ ଯେଉଁଦିନ ଦେଖିବାକୁ ଯାଇଥିଲି ତୁମର ଯେଉଁ ପ୍ରଶ୍ନଥିଲା, ସେ ବିଷୟରେ ଘରକୁ ଆସି ଅନେକ ଚିନ୍ତାକଲି । କିନ୍ତୁ ତୁମର ସ୍ପଷ୍ଟବାଦିତା ମୋତେ ବେଶ୍ ଭଲ ଲାଗିଥିଲା ।

ବିନୋଦିନୀ ଲାଜେଇ ଯାଇ କହିଲା - ତମକୁ ଶତ ଧନ୍ୟବାଦ ! କାରଣ ମୁଁ ଚାହୁଁ ନଥିଲି ମିଥ୍ୟାର ବୋଝ ନେଇ ତୁମ ସହ ଘର ସଂସାର କରିବି ।

ବିନୋଦିନୀର କାର୍ଯ୍ୟକଳାପରେ ଜଣେ ସୁଗୃହିଣୀର ଭାବନା ବାରି ହୋଇ ଯାଉଥାଏ । ପରିବାରର

ସମସ୍ତେ ପ୍ରଶଂସା ଅଜାଡ଼ି ଦେଉଥାଆନ୍ତି । ମନେ ହେଉଥାଏ ପ୍ରଦୀପ ପରିବାରଟି ବସନ୍ତ ଋତୁର ନାନା ଫୁଲର ସୁରଭିରେ ବେଶ୍ ସୁବାସିତ । ଖୁସିରେ ପରିବାରଟି ହସି ଉଠୁଥିବାବେଳେ ପ୍ରଦୀପଙ୍କ ଶରୀର ଅସୁସ୍ଥ ହୋଇଉଠେ । ଅଫିସ୍‌ର କାର୍ଯ୍ୟଭାରରେ ଠିକ୍ ରୂପେ ଖିଆପିଆ ନଥାଏ । ଡାକ୍ତର ଚିକିତ୍ସା କଲା ପରେ ଦେଖିଲେ ତାଙ୍କର ଦୁଇଟାଯାକ କିଡ୍‌ନୀର ସତୁରି ଭାଗ ନଷ୍ଟ ହୋଇଯାଇଛି । ହଠାତ୍ ହସ ଖୁସିରେ ନିର୍ମଳ ଆକାଶରେ ଦୁଃଖର କଳାବାଦଲ ଢାଙ୍କିଦେଲା । ପରିବାରର ସମସ୍ତଙ୍କ ମନ, ଦୁଃଖରେ ଭାଙ୍ଗିପଡ଼ିଲା । ଘରେ ଖିଆପିଆ ନ ଥାଏ । ଈଶ୍ୱରଙ୍କ ପାଖରେ ବିନୋଦିନୀ ନେହୁରା ହୋଇ ପ୍ରଦୀପଙ୍କ ଶରୀର ସୁସ୍ଥତା ପାଇଁ ଦିନରାତି ପୂଜା କରିଚାଲିଲା । ପ୍ରଦୀପ୍‌ଙ୍କର ଡାଇଲେସିସ୍ ଚାଲିଥାଏ । ଶେଷରେ ଡାକ୍ତର କହିଲେ କିଡ୍‌ନୀ ନିହାତି ଦରକାର । ଏହା ଶୁଣି ସମସ୍ତେ ଧୈର୍ଯ୍ୟହରା ହୋଇପଡ଼ିଲେ । ପ୍ରଦୀପଙ୍କ ବାପା କହିଲେ "ମୁଁ କିଡ୍‌ନୀ ଦେବି" । ପ୍ରଦୀପ କିନ୍ତୁ ମନା କରିଥିଲେ । ସେ କହିଲେ - ନା, ବାପା ! ତୁମେ ଏ ବୟସରେ କିଡ୍‌ନୀ ଦେବ, ମୁଁ ତୁମର ଋଣ ସୁଝିବା କଥା ! ମୁଁ ବା ଆଉ କେତେଦିନ ବଞ୍ଚିବି । କିଡ୍‌ନୀ ନେଇ ଲାଭ କ'ଣ ?

କିଡ୍‌ନୀ ଖୋଜା ଚାଲିଲା । ବିଭିନ୍ନ ସମ୍ବାଦପତ୍ରରେ କିଡ୍‌ନୀ ପାଇଁ ବିଜ୍ଞପ୍ତି ଦିଆଗଲା । ଏ ସମସ୍ତ ଦେଖି ବିନୋଦିନୀ କେବଳ ଲୁହ ଗଡ଼ାଇ ଚାଲିଥାଏ । ଦିନେ ବିନୋଦିନୀ ଯାଇ ଡାକ୍ତରଙ୍କୁ ଭେଟି ପ୍ରଦୀପଙ୍କ ବିଷୟରେ କଥା ହେଲା । ହଠାତ୍ ସେହି ଦିନଠାରୁ ଦେଖିବାକୁ ମିଳିଲା ବିନୋଦିନୀଙ୍କ ଅନୁପସ୍ଥିତି । ପ୍ରଦୀପଙ୍କ ବାପା, ମା' ବୋହୂର ଅନୁପସ୍ଥିତିରେ ଭାଙ୍ଗିପଡ଼ିଲେ । ମନେ ମନେ ଚିନ୍ତାକଲେ ଏଭଳି ସମୟରେ ଆମକୁ ଛାଡ଼ି ଚାଲିଯିବା ଠିକ୍ ହେଲାନି । କିନ୍ତୁ ପ୍ରଦୀପ କହିଲା - ସେ ବରଂ ଭଲ କରିଛି । ମୃତ୍ୟୁକୁ ଅପେକ୍ଷା କରିଥିବା ଜୀଅନ୍ତା ଶବ ଠୁ କ'ଣ ପାଇବ ? ସେ ନୂଆ ଘର ସଂସାର କରି ଜୀବନ ବିତାଇଲେ ମୋ ଆତ୍ମା ଶାନ୍ତି ପାଇବ ।

ସମୟ ଗଡ଼ି ଚାଲିଥାଏ । ପ୍ରଦୀପର ପରିବାର କେବଳ ତହଳ ବିକଳ ହୋଇ ବିଭିନ୍ନ ଅନୁଷ୍ଠାନର ଦ୍ୱାରସ୍ଥ ହୁଅନ୍ତି କିଡ୍‌ନୀ ପାଇଁ । କିନ୍ତୁ ସବୁଠାରେ ନାସ୍ତିବାଣୀ ଶୁଣି ଅଧିକ ଭାଙ୍ଗି ପଡ଼ନ୍ତି । ଏ ସମୟରେ ଡାକ୍ତରଙ୍କ ଅଭୟବାଣୀ ପରିବାରରେ ଖୁସି ନେଇ ଆସିଥିଲା । ଡାକ୍ତରଙ୍କ କହିବା ଅନୁସାରେ ଜଣେ ଭଦ୍ରବ୍ୟକ୍ତି କିଡ୍‌ନୀ ଦେବା ପାଇଁ ରାଜି ଅଛନ୍ତି । ଦୁଇଦିନ ପରେ ଅପରେସନ୍ ମାଧ୍ୟମରେ ପ୍ରଦୀପଙ୍କ ଶରୀରରେ କିଡ୍‌ନୀ ରୋପଣ କରାଗଲା । ପ୍ରଦୀପ ଧୀରେ ଧୀରେ ସୁସ୍ଥ ଅନୁଭବ କଲେ । ଅଫିସ ଯିବା ପାଇଁ ଶରୀର ଠିକ୍ ହୋଇଗଲା । କିନ୍ତୁ ପ୍ରଦୀପ ଡାକ୍ତରଙ୍କୁ ଗୋଟିଏ ପ୍ରଶ୍ନ ପଚାରନ୍ତି - ଯେଉଁ ସହୃଦୟ ବ୍ୟକ୍ତିଜଣଙ୍କ ନିଜ ଜୀବନ ସହ ବାଜି ଲଗାଇ ମୋତେ ବଞ୍ଚାଇ ପାରିଲେ ତାଙ୍କୁ ମୁଁ ଟିକେ ଦେଖନ୍ତି । ତାଙ୍କର ଯେତେ ପଇସା ଦରକାର ମୁଁ ଦେବି ।

ଡାକ୍ତରବାବୁ ପ୍ରଦୀପଙ୍କ ଏ ପ୍ରଶ୍ନରେ ଉତ୍ତରଦିଅନ୍ତି ।

– ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁନି । ସେ ବର୍ତ୍ତମାନ ଚିକିତ୍ସାଧୀନ । ଭଲ ହୋଇଗଲେ ଆପଣାଙ୍କୁ ଦେଖା ମିଳି ଯିବନି କିନ୍ତୁ ବର୍ତ୍ତମାନ ତାଙ୍କ ନିକଟକୁ ଯିବା ଅସମ୍ଭବ ।

ପ୍ରଦୀପ୍ ଡାକ୍ତରଙ୍କ ଠାରୁ ଏ ସମସ୍ତ ଶୁଣି ନିଜ ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି । ପ୍ରତିଦିନ ସନ୍ଧ୍ୟାରେ ଡାକ୍ତରଙ୍କ ପାଖରେ ଡୋନର୍‌ର ଦେହ ବିଷୟରେ ବୁଝିଥାଆନ୍ତି । କିନ୍ତୁ ହଠାତ୍ ଦିନେ ଡାକ୍ତର କହିଲେ ।

– ଆଉ ଆମ ଭେରି ସରି ! ମୁଁ କିଡ୍‌ନୀ ଡୋନରଙ୍କୁ ବଞ୍ଚାଇ ପାରିଲି ନାହିଁ ।

ଡାକ୍ତରଙ୍କ ଠାରୁ ଏହା ଶୁଣି ପ୍ରଦୀପ ଦୁଃଖରେ ଭାଙ୍ଗିପଡ଼ିଲେ । ଧଳା ଲୁଗା ଢଙ୍କା ଯାଇଥିବା ଶବଟିକୁ ଦେଖି ପ୍ରଦୀପ ହତବାକ୍ ହୋଇଯାଇଥିଲେ । ପାଗଳ ପ୍ରାୟ ହୋଇ କାନ୍ଦିବାକୁ ଲାଗିଲେ । ସେ ଅନୁଭବ କରୁଥାଆନ୍ତି ମଉଳା ଫୁଲର ବାସ୍ନାରେ ଘର ଭିତରର ମହକ ।

ଓଡ଼ିଆ ଅଧ୍ୟାପିକା

ମହାନଦୀବିହାର ମହିଳା ମହାବିଦ୍ୟାଳୟ, କଟକ

# ଓଁ କଳାକଳେବରଙ୍କର ନବକଳେବର

**ବ୍ରଜବନ୍ଧୁ ପୃଷ୍ଟି**

**କିବା କୃଷ୍ଣଙ୍କର** ବିରହ ବେଦନାରେ ଅଧିରା **ରାଧାରାଣୀଙ୍କର କୃଷ୍ଣଙ୍କ**ପ୍ରତି ତୀବ୍ର କଟାକ୍ଷ ପ୍ରଣିଧାନ **ଯୋଗ୍ୟ । ଏପରିକି କୃଷ୍ଣ ବର୍ଣ୍ଣ**ର ସମଗ୍ର ସତ୍ତାକୁ ସେ ତାଙ୍କ **ସମ୍ମୁଖରୁ ଅନ୍ତର କରିବାକୁ** ସଖୀମାନଙ୍କୁ ନିବେଦନ **କରିଛନ୍ତି । ସଖୀମାନେ** ତାଙ୍କୁ ଅନେକ ବୁଝନାତ୍ମକ ରାଧାଙ୍କ **ଶରୀର ତଥା ପାରିପାର୍ଶ୍ୱିକ କଳାବର୍ଣ୍ଣ**ର ନିବିଡତା ବିଷୟରେ **ଚେତାଇ ଦେବା ଅବସରରେ** ଲଳିତା କହୁଛନ୍ତି - ସରଳା ଗୋ **ତୋର ଧଳା ଆଖିକୋଳ** ଯୋଡ଼ିକଯାକ ତ କଳା ?

**ବିଷ୍ଣୁ ଦେବତାଙ୍କର** ବିଗ୍ରହ ଗଠନ କରିବା ପାଇଁ **ନିମ୍ବଦାରୁ ହିଁ ଉପଯୁକ୍ତ ଅଟେ** । ନିଳାଦ୍ରୀ ମହୋଦୟରୁ ପ୍ରମାଣ **ଅନୁସାରେ ଯେଉଁ** ନିମ୍ବବୃକ୍ଷରୁ ଶ୍ରୀବିଗ୍ରହ ନିର୍ମାଣ ଉପଯୋଗୀ **ଦାରୁସଂଗ୍ରହ କରାଯିବ**, ତାହା ଚାରିଗୋଟି **ଶାଖାଯୁକ୍ତ ହୋଇଥିବ, କୀଟପତଙ୍ଗ** ପ୍ରଭୃତିଙ୍କ ଦ୍ୱାରା **କ୍ଷତବିକ୍ଷତ ହୋଇ ନଥିବ ଓ ତହିଁରେ** ବୃହତ କୃଷ୍ଣସର୍ପ **(ମଣିଯୁକ୍ତ) ବାସ କରୁଥିବେ** । ସୁତ ସଂହିତାରେ ଉଲ୍ଲେଖ ଅଛି **ଶ୍ରୀଜଗନ୍ନାଥଙ୍କ ଦାରୁ ଇଷତ୍** ରକ୍ତବର୍ଣ୍ଣ ହୋଇଥାଏ । ପ୍ରତି **ବୃକ୍ଷରେ ଚାରି, ପାଞ୍ଚ** ଅଥବା ସାତଗୋଟି ଶାଖାଥାଏ । ବୃକ୍ଷର **ସ୍ୱାଦ ତିକ୍ତ ନହୋଇ ଇଷତ୍** ମିଷ୍ଟ ହୋଇଥାଏ । ସେହି **ସମସ୍ତ ବୃକ୍ଷରେ ଗରୁଡ଼** କିମ୍ବା ମୟୂର ବ୍ୟତୀତ ଅନ୍ୟ କୌଣସି **ପକ୍ଷୀର ବସା ନଥାଏ** । ବୃକ୍ଷମାନଙ୍କର ମୂଳରେ **ଉଇ ହୁଙ୍କାଥାଏ ଓ ତହିଁ** ମଧ୍ୟରେ ସର୍ପବାସ କରୁଥାଏ । ସେହ **ବୃକ୍ଷଟି ତିନିଗୋଟି** ପର୍ବତ କିମ୍ବା ତିନିଗୋଟି ନଦୀ **ଅଥବା ତିନିଗୋଟି ପଥର ସଂଯୋଗ** ସ୍ଥଳରେ ଅବସ୍ଥିତ **ହୋଇଥାଏ ନତୁବା ଅନୁରରେ** ନଦୀ, ଶ୍ମଶାନ ଓ ଶିଆଳୀ ବୃକ୍ଷ **ଇତ୍ୟାଦି ଥାଏ । ବୃକ୍ଷଗୁଡ଼ିକ** ୫ମିଟରରୁ ୭ ମିଟର ଉଚ୍ଚ **ଓ ୩ମିଟରରୁ ୪ମିଟର** ଗୋଲେଇ ହୋଇଥାନ୍ତି । ବୃକ୍ଷ ଉପରେ **ବଜ୍ରପାତ ହୋଇନଥାଏ**, କିମ୍ବା କୌଣସି ପ୍ରକାର କ୍ଷତି **ଘଟିନଥାଏ । ଏହାର** ନିକଟରେ ବରୁଣ ବୃକ୍ଷ ଓ ସାହାଡା **ବୃକ୍ଷ ହୋଇଥାଏ ।**

**ଦାର୍ଶନିକ ଦୃଷ୍ଟି**ରେ ପ୍ରତି ଜୀବ ଦେହରେ **ଜୀବାତ୍ମା ରୂପରେ ବ୍ରହ୍ମ ଅବସ୍ଥାନ କରୁଥାନ୍ତି** । ଜୀବମାନଙ୍କର ଦେହ **ବା ଘଟ ବିନାଶଶୀଳ ବା** ପରିବର୍ତ୍ତନଶୀଳ ହେଲେ ମଧ୍ୟ **ବ୍ରହ୍ମ ନିତ୍ୟ, ନିର୍ବିକାର** ଓ ଅକ୍ଷୟ ଅଟନ୍ତି । ଯଥା ଦେହେ **ତଥା** ଦେବେ । ଏହି ନ୍ୟାୟରେ ଶ୍ରୀବିଗ୍ରହମାନଙ୍କର ଘଟ ଜୀର୍ଣ୍ଣ ହେଲେ ତାହାର ପରିବର୍ତ୍ତନ କରାଯାଇଥିବା ସ୍ଥଳେ, ତହିଁ ମଧ୍ୟରେ ଥିବା ବ୍ରହ୍ମସ୍ୱରୂପ ଅପରିବର୍ତ୍ତିତ ରହନ୍ତି । ଗୀତାରେ ମଧ୍ୟ କୁହାଯାଇଛି ଯେ ମନୁଷ୍ୟ ପୁରାତନ ବସ୍ତ୍ରକୁ ତ୍ୟାଗକରି ଅନ୍ୟ ନୂତନ ବସ୍ତ୍ର ଗ୍ରହଣ କରିବା ପରି ଦେହଧାରୀ ଜୀବାତ୍ମା ବା ବ୍ରହ୍ମ ମଧ୍ୟ ନିଜର ପୁରାତନ ଶରୀରକୁ ତ୍ୟାଗକରି ନୂତନ ଶରୀର ବା ବ୍ରହ୍ମ ମଧ୍ୟ ନିଜର ପୁରାତନ ଢ଼ଶରୀରକୁ ତ୍ୟାଗକରି ନୂତନ ଶରୀର ଗ୍ରହଣ କରନ୍ତି ।

ଯେଉଁ ବର୍ଷ ନବକଳେବର ହୁଏ ତାହର ପୂର୍ବ ଚୈତ୍ରମାସ ଶୁକ୍ଳପକ୍ଷ ଦଶମୀ ଠାରୁ ପୂର୍ଣ୍ଣିମା ମଧ୍ୟରେ କୌଣସି ଏକ ଦିନ ଦେଉଳ କରଣ ଓ ଜ୍ୟୋତିଷ ଖୁରୀନାୟକ ଗଜପତି ମହାରାଜାଙ୍କୁ ଏହି ତଥ୍ୟ ପ୍ରଦାନ କରନ୍ତି । ତାପରେ ଗଜପତି ମହାରାଜ ସ୍ଥାନୀୟ ବିଦ୍ୱାନ ତଥା ଶ୍ରୋତୀୟ ବ୍ରାହ୍ମଣ ସମୂହର ମହନ୍ତ, ମୁକ୍ତି ମଣ୍ଡପ ପଣ୍ଡିତ ବର୍ଗ, ଛତିଶାପାଟକ ପ୍ରଭୃତିଙ୍କୁ ଆମନ୍ତ୍ରଣ କରି ଏକ ସଭା କରନ୍ତି ଓ ତହିଁରେ ନବକଳେବର କରଣୀୟ ବିଷୟମାନ ଆଲୋଚନା କରନ୍ତି । ତପ୍ରେ ବିଦ୍ୟାପତି ଓ ବିଶ୍ୱାବସୁ ବଂଶୀୟ ସେବକମାନେ ଗଜପତି ମହାରାଜାଙ୍କ ଆଜ୍ଞା ଅନୁସାରେ ଦାରୁ ଅନ୍ୱେଷଣରେ ଯିବା ପାଇଁ ପ୍ରସ୍ତୁତ ହୁଅନ୍ତି । ସେହିଦିନ ଶ୍ରୀ ବିଗ୍ରହମାନଙ୍କର ଦ୍ୱିପହର ଧୂପ ସରିବା ପରେ ପତି ମହାପାତ୍ର ସିଂହାସନ ଉପରକୁ ଉଠି ଶ୍ରୀଅଙ୍ଗରେ ଲାଗି ହୋଇଥିବା ଚାରିବାଡର ଆଜ୍ଞାମାଳ ଆଣି ତିନିବାଡର ଆଜ୍ଞାମାଳକୁ ଦଇତାପତିମାନଙ୍କୁ ଦେଇ ନିଜେ ସୁଦର୍ଶନଙ୍କ ବାଡର ଆଜ୍ଞାମାଳ ଗ୍ରହଣ କରନ୍ତି । ଏହାପରେ ଅଣସର ପିଣ୍ଡିକୁ ଆସି ଶାଢ଼ୀ ବାନ୍ଧନ୍ତି । ଭିତରଛୁ ମହାପାତ୍ର ନାମକ ସେବକ ଆଜ୍ଞାମାଳ ପାଇଥିବା ପତି ମହାପାତ୍ର ଓ ଦଇତାମାନଙ୍କୁ ତଥା ଅନ୍ୟ ୨୩ଜଣ ଦଇତାଙ୍କୁ ବାର ଲାଗି ଶାଢ଼ୀ ବାନ୍ଧନ୍ତି । ପରେ ଜୟ ବିଜୟ ଦ୍ୱାରଠାରେ ଭିତରଛୁ ମହାପାତ୍ର ଅନ୍ୟାନ୍ୟ ସେବକ ଯଥା ଦେଉଳ କରଣ, ତଢ଼ାଉ କରଣ, ବେହେରା, ଖୁଣ୍ଟିଆ, ପଢ଼ିଆ କରଣ, ଲେଙ୍କା ଓ ଚାରିଜଣ ବିଶ୍ୱକର୍ମାଙ୍କୁ ମଧ୍ୟ ଶାଢ଼ି ବାନ୍ଧନ୍ତି । ଏହିପରି ଶାଢ଼ୀବନ୍ଧା କାର୍ଯ୍ୟ ସମାପ୍ତ ହେବା ପରେ ସମସ୍ତେ ଜଗମୋହନ ଦେଇ ରାଜନଅରକୁ ଗମନ କରନ୍ତି । ଲେଙ୍କା ସୁଦର୍ଶନ ଚକ୍ର ଧାରଣ କରି ଏମାନଙ୍କ

ସହିତ ଯାଉଥାନ୍ତି । ଏମାନଙ୍କ ସହିତ ଆଚାର୍ଯ୍ୟ ରୂପରେ ବରଣ ହୋଇଥିବା ମନ୍ଦିର ପୁରୋହିତ ଓ ଅନ୍ୟଚାରିଜଣ ବ୍ରାହ୍ମଣ ମଧ ରାଜନଅରକୁ ଯାଇଥାନ୍ତି । ଗଜପତି ମହାରାଜ ଶ୍ରୀହସ୍ତରେ ଛୁଇଁଥିବା ଗୁଆ, ନଡିଆ, ପଚନି, ଅରୁଆ ଚାଉଳ, ଦୂବ, ବରକୋଳିପତ୍ର, ଆମ୍ବଡାଳ, କଳସ, କଦଳୀ ବୃକ୍ଷ ପ୍ରଭୃତି ଅନୁକୂଳ ଦ୍ରବ୍ୟମାନ ରାଜଗୁରୁ, ଦଇତା ଓ ବିଶ୍ୱକର୍ମାମାନଙ୍କୁ ପ୍ରଦାନ କରି ସଂକଳ୍ପ ପୂର୍ବକ ଦାରୁ ଅନ୍ୱେଷଣ କରିବା ଲାଗି ଅନୁରୋଧ କରନ୍ତି । ତତ୍ପରେ, ଛତ୍ର, ତରାସ, ବାଦ୍ୟ, ଚାମର, ଆଲଟ ପ୍ରଭୃତି ସହ ବଡ଼ଦାଣ୍ଡରେ ଜଗନ୍ନାଥ ବଲ୍ଲଭ ମଠକୁ ଯାତ୍ରା କରନ୍ତି ଓ ସେଠାରେ ଦୁଇଦିନ ରହନ୍ତି ।

ଦଇତାପତିମାନେ ଶୋଭାଯାତ୍ରାରେ ଯାଇ କାକଟପୁରସ୍ଥିତ ମଙ୍ଗଳାଦେବୀଙ୍କ ନିକଟ ପ୍ରାଚୀନଦୀ କୂଳରେ ଥିବା ଦେଉଳି ସିଦ୍ଧ ମଠରେ ରହନ୍ତି । ସେ ସମୟରେ ନିର୍ଜଳା ଉପବାସ କରି ଚାରିଦଳରେ ବିଭକ୍ତ ହୋଇ କାକଟପୁର ମଙ୍ଗଳାଦେବୀଙ୍କ ଜଗମୋହନରେ ଧାରଣ ପଡନ୍ତି ଓ ମହା ନୃସିଂହ ମନ୍ତ୍ର ଜପକରନ୍ତି ।

ପରଦିନ ପ୍ରଭାତରେ ସ୍ନାନତର୍ପଣ ସମାପନ କରାଯିବା ପରେ ବିଦ୍ୟାପତି ପଦରେ ବରଣ ହୋଇଥିବା ବିଦ୍ୟାପତି ବଂଶଧର ସେବକ ଏକ ସୁବର୍ଣ୍ଣ କୁଠାର ସାହାଯ୍ୟରେ ଉକ୍ତ ଦାରୁଛେଦନ ପ୍ରକ୍ରିୟା ଆରମ୍ଭ କରନ୍ତି । ତାହାପରେ ବିଶ୍ୱାବସୁ ପଦରେ ବରଣ ହୋଇଥିବା ସେବକ ରୌପ୍ୟ କୁଠାରରେ ସେହି ଦାରୁକୁ ଛେଦନ କରନ୍ତି । ପରିଶେଷରେ ବିଶ୍ୱକର୍ମାମାନଙ୍କ ଦ୍ୱାରା ଲୌହ କୁଠାରରେ ସେହି ଦାରୁକୁ ଛେଦନ କରାଯାଏ । ଯଜ୍ଞ ସମୟରେ ଏହି ତିନି ଠାକୁରଙ୍କ ପୂଜାର୍ଚ୍ଚନା ହୋଇଥାଏ । ଦାରୁ ଛେଦନ ସମୟରେ ଅଖଣ୍ଡ ବେଦଧ୍ୱନୀ, ଶାନ୍ତି ସ୍ୱସ୍ତୟନ ମନ୍ତ୍ରପାଠ ଓ ଭଜନ କୀର୍ତ୍ତନ ପ୍ରଭୃତି ଲାଗିରହିଥାଏ । ଦାରୁ ଭୂତଳଶାୟୀ ହେଲେ ତାହାକୁ ଚତୁଃଶମ କରାଯାଏ ଓ ତାହାର ଶାଖା, ପ୍ରଶାଖା ତଥା ପତ୍ର ସବୁକୁ ଗୋଟିଏ ବୃହତ ଗର୍ତ୍ତ ରେ ପୋତିଦିଆଯାଇ ହଳଦୀପାଣି ସିଞ୍ଚନ କରାଯାଇଥାଏ ।

ଦାରୁ ପ୍ରସ୍ତୁତ ହେବାପରେ ଏହାକୁ ଆଣିବା କାର୍ଯ୍ୟ ଆରମ୍ଭ ହୁଏ । ଦାରୁଙ୍କୁ ବହନ କରିବା ପାଇଁ ସତନ୍ତ୍ର ଶକଟ ନିର୍ମାଣ କରାଯାଏ । ଏହି ଶକଟର ଚକ ବର କାଠରେ, ଦଣ୍ଡା କେନ୍ଦୁ କାଷ୍ଠରେ ଓ ଅଖ ତେନ୍ତୁଳି କାଠରେ ବା ବେଲକାଷ୍ଠରେ ନିର୍ମିତ ହୁଏ । ତାହା ଉପରେ ଦାରୁଙ୍କୁ ରଖାଯାଇ ତାହାକୁ ଦୃଢ଼ଭାବରେ ବାନ୍ଧିଦିଆଯାଏ ଓ ପାଟବସ୍ତ୍ର ଦ୍ୱାରା ଆଚ୍ଛାଦିତ କରାଯାଏ । ବେତର ଦଉଡ଼ି ଦ୍ୱାରା ସେହି ଶକଟକୁ ଟଣାଯାଇ ପୁରୀ ଶ୍ରୀମନ୍ଦିର ଅଭିମୁଖେ ଅଣାଯାଏ । ଦାରୁ ଅଣାଗଲାବେଳେ ମାର୍ଗରେ ବା ପଥ ପାର୍ଶ୍ୱରେ ଘଣ୍ଟା , କାହାଳୀ, ମୃଦଙ୍ଗ, ବଂଶୀ, ଝାଞ୍ଜ, ମର୍ଦ୍ଦଳ ପ୍ରଭୃତି ବାଦ୍ୟ ନିନାଦ ହୁଏ । ବେଦମନ୍ତ୍ର, ଗାୟତ୍ରୀମନ୍ତ୍ର, ହରିବୋଲ, ହୁଳହୁଳିରେ ଗଗନ ପବନ ପ୍ରକମ୍ପିତ ହୁଏ ।

ଆଷାଢ ମଳମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀଦିନ ଶ୍ରୀବିଗ୍ରହମାନଙ୍କର ଘଟ ପରିବର୍ତ୍ତନ ନିମନ୍ତେ ନୂତନ ବିଗ୍ରହଗୁଡିକୁ ବିଶ୍ୱକର୍ମା ମଣ୍ଡପଠାରୁ ବଡ଼ ଦେଉଳର ଅଭ୍ୟନ୍ତରକୁ ନିଆଯାଇ ପୂର୍ବ ବିଗ୍ରହଗୁଡ଼ିକର ସମ୍ମୁଖରେ ସ୍ଥାପନ କରାଯାଏ । ଏହାପରେ ପୂର୍ବବିଗ୍ରହ ବ୍ରହ୍ମସରୂପ ଅଣାଯାଇ ନୂତନ ବିଗ୍ରହ ମଧରେ ସ୍ଥାପନ କରାଯାଏ । ଶ୍ରୀଜଗନ୍ନାଥଙ୍କ ବିଗ୍ରହର ଉଦରରେ ବାରଯବ ପରିମିତ ସ୍ଥାନରେ ଉକ୍ତ ବ୍ରହ୍ମ ସରୂପ ରହନ୍ତି । ତାହାକୁ ବ୍ରହ୍ମସ୍ଥଳୀ କୁହାଯାଏ । ଏହି ବ୍ରହ୍ମ ସରୂପ ୧୨ ବର୍ଷ ପର୍ଯ୍ୟନ୍ତ ଚନ୍ଦନ ଓ ତୁଳସୀରେ ଆଚ୍ଛାଦିତ ହୋଇଥାନ୍ତି । ସେହି ଚନ୍ଦନ ଓ ତୁଳସୀ ୧୨ ବର୍ଷ ଯାଏ ଅଥବା ପରବର୍ତ୍ତୀ ନବକଳେବର ଯାଏ ସତେଜ ଥାନ୍ତି । । ଏଥିରୁ ହିଁ ଅନୁମିତ ହୁଏ ଯେ ବ୍ରହ୍ମପିଣ୍ଡ ଓ ପ୍ରାଣୀମାନଙ୍କର ପିଣ୍ଡ ବ୍ରହ୍ମାଣ୍ଡ ଆତ୍ମା ଅମର । ଆତ୍ମା ହିଁ ସର୍ବଘଟରେ ବିଦ୍ୟମାନ । ଆତ୍ମା ଶୂନ୍ୟ ଶୂନ୍ୟ ମହାଶୂନ୍ୟରେ ବିଚରଣ କରେ ଏବଂ ବ୍ରହ୍ମପିଣ୍ଡ ଠାରୁ ଆରମ୍ଭ କରି ପ୍ରାଣୀପିଣ୍ଡ ମଧରେ ନିରବଧି ଲୀଳାଖେଳାର ଦୈବୀ ବିଜ୍ଞାନ । ସନ୍ଥକବି ଭୀମଭୋଇ ସେଇ ସୂତ୍ରର ମହାନ୍ ବୈଜ୍ଞାନିକର ଭୂମିକା ପ୍ରତିଷ୍ଠା କରି ବିଶ୍ୱ ସୃଷ୍ଟିର ଆଦି ରହସ୍ୟ ବିଗ୍‌ବ୍ୟାଙ୍ଗ୍ ପଦ୍ଧତିକୁ ସୀକାର ସହ ଅଙ୍ଗୁଳୀ ତୋଳି ଗାଇଛନ୍ତି ରୂପରେଖ ନାହିଁ ହୋ, ଶୁନଦେହୀ ଅଛୁ ଉଭାହୋଇ । ବିଚିତ୍ର ମସ୍ତିଷ୍କ ସନ୍ଥକବି ଭୀମ ଭୋଇଙ୍କର।

ଆଷାଢ଼ କୃଷ୍ଣ ଚତୁର୍ଦ୍ଦଶୀ ଠାରୁ ପରବର୍ତ୍ତୀ ମାସର ଅମାବାସ୍ୟା ପର୍ଯ୍ୟନ୍ତ ବିଗ୍ରହ ଗୁଡ଼ିକର ପାଟଡୋର ଲାଗି, ଖଡିଲାଗି, ପ୍ରଭୃତି ବିଭିନ୍ନ ଗୋପନୀୟ ଉପଚାର କରାଯାଇଥାଏ । ସାଧାରଣତଃ ଅନବସର ପନ୍ଦର ଦିନ ହୋଇଥିଲେ ମଧ ନବକଳେବର ସମୟରେ ନୂତନ ବିଗ୍ରହ ଗଠନ ପାଇଁ ଚଉଦଦିନ ଓ ଅନବସର ବିଧିପାଇଁ ଏକମାସ ଏକଦିନ ବ୍ୟୟିତ ହୁଏ । ଏହି ଅବସରକୁ ମହା ଅଣସର କୁହାଯାଏ । ଦ୍ୱିତୀୟ ଆଷାଢ଼ ମାସ ଅମାବାସ୍ୟାଦିନ ଅଣସର ପିଣ୍ଡିଠାରେ ଶ୍ରୀବିଗ୍ରହମାନେ ଜନସାଧାରଣଙ୍କୁ ଦର୍ଶନ ଦିଅନ୍ତି । ଏହାକୁ ଶ୍ରୀଜଗନ୍ନାଥଙ୍କର ନବକଳେବର ଦର୍ଶନ କୁହାଯାଏ ।

Bastabatara Pariprakash
PRACHEE ■ Vol. 1 ■ Issue - 4 ■ July 2015 ■ Title Code : ODIODI07446

Printed, Published, Edited and Owned by Dr. Bibhudatta Khandayatray, Printed at Laxmi Offset Press, Nayabazar, Cuttack-4, Odisha & Published at Niladri Vihar, P.O. - Nayabazar, Cuttack - 4, Odisha, Mob. : 9437744194

Editor : Dr. Bibhudatta Khandayatray ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ